# ମଙ୍ଗଳା ମନ୍ଦିର ବିକାଶ ପାଇଁ ୫୦ କୋଟି

ନିମାପଡ଼ା/କାକଟପୁର/ଅସ୍ତରଙ୍ଗ/ଯୋଗେଶ୍ୱରପୁର (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ/ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ରଶ୍ମିରଞ୍ଜନ ସାହୁ)୧୩।୭

■ନିମାପଡ଼ା- କୋଣାର୍କ- ଅସ୍ତ୍ରରଙ୍ଗ ହେବ ତ୍ରିକୋଣୀୟ ପର୍ଯ୍ୟଟନ ଭୂମି

■ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଐତିହ୍ୟ ସଚେତନତା ପଦଯାତ୍ରା

ପୁରୀ ଜିଲା ନିମାପଡ଼ାର ମା' ପୂର୍ଣ୍ଣେଶ୍ୱରୀ ମନ୍ଦିର ଠାରୁ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ପର୍ଯ୍ୟନ୍ତ ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଐତିହ୍ୟ ସଚେତନତା ପଦଯାତ୍ରା କରିଛନ୍ତି। ପୁରୀ ଜିଲାରେ ପର୍ଯ୍ୟଟନର ବିକାଶ ଓ ସଚେତନତା ପାଇଁ ବିଶ୍ୱ ଐତିହ୍ୟ ଦିବସ ଅବ୍ୟବହିତ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଏହି ପଦଯାତ୍ରା କରିବା ସହ ନିମାପଡ଼ା–କୋଣାର୍କ– ଅସ୍ତରଙ୍ଗକୁ ନେଇ ତ୍ରିକୋଣୀୟ ପର୍ଯ୍ୟଟନ ଭୂମି ହେବ ବୋଲି କହିଛନ୍ତି। କୁଶଭଦ୍ରା ଓ ପ୍ରାଚୀ ନଦୀ ତଟରେ ଥିବା ମଠ, ମନ୍ଦିର, ପୀରଜାହାନିଆ ପୀଠ ଓ ବେଳାଭୂମି, ଭାଗବତ ଟୁଙ୍ଗି ସମେତ ଗ୍ରାମାଞ୍ଚଳରେ ଥିବା ପୁରୁଣା କୀର୍ତ୍ତିରାଜିକୁ ଅନୁଧ୍ୟାନ କରାଯାଇ ଐତିହ୍ୟରେ ସାମିଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅପରାହ୍ନରେ କାକଟପୁରରେ ପହଞ୍ଚି ମା' ମଙ୍ଗଳାଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପରେ ପର୍ଯ୍ୟଟନ ବିଭାଗ ତରଫରୁ ମନ୍ଦିର ଉନ୍ନତୀକରଣ ପାଇଁ ୫୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ପରେ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ମନ୍ଦିର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଯାଦବ, ଓଟିଡିସି ଇଞ୍ଜିନିୟର ଅକ୍ଷୟ କୁମାର ସାହୁ, ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା, ମନ୍ଦିର ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ, ମାନସ ଦୀକ୍ଷିତ, ବିଡିଓ ବିଷ୍ଣୁ ଗୋବିନ୍ଦ, ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କାକଟପୁର ଥାନା ଅଧିକାରୀ ବିଜୟ କେତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କଲେ ମନ୍ଦିର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହେବ ବୋଲି ସେବାୟତମାନଙ୍କୁ ଉପମୁଖ୍ୟମନ୍ତ୍ରୀ କହିଥିଲେ। ଶନିବାର ସକାଳ ୭ଟା ୧୫ରେ ମା' ପୂର୍ଣ୍ଣେଶ୍ୱରୀ ମନ୍ଦିରରୁ ପଦଯାତ୍ରାରେ ପରିଡ଼ା ବାହାରି ମଙ୍ଗଳା ମନ୍ଦିର ନିକଟରେ ଅପରାହ୍ନ ୫ଟା ୩୦ରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନରେ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳର କୀର୍ତ୍ତିରାଜି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରିଡ଼ା ନିଜେ ପଢିଥିବା ବିଦ୍ୟାଳୟ ନୂଆହାଟ ହାଇସ୍କୁଲ ପରିଦର୍ଶନ କରିଥିଲେ। ପଦଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ଓ ଜନସାଧାରଣଙ୍କ ସମେତ ନିମାପଡ଼ାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତି ନାୟକ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି ଉପନଗରପାଳ ସନ୍ତୋଷ ଦାଶ, ସାଇଁସ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, କାଉନସିଲର ନିରଞ୍ଜନ ନାୟକ, ଅନସୂୟା ପାଣି, ଭାଜପା ପୁରୀ ଜିଲା ଉପସଭାପତି ରତିକାନ୍ତ ବେହେରା, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ରାକେଶ ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ମଙ୍ଗଳା ପ୍ରସାଦ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ।


ମା' ମଙ୍ଗଳାଙ୍କ ଦର୍ଶନ ସାରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମନ୍ଦିରରୁ ଫେରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବନ୍ଦନ


@ ଜୀବନ


@ ସୁଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫୮ ସବ୍‌ଡିଭିଜନରେ କାର୍ଯ୍ୟକ୍ଷମ ହେଲା ଏଲ୍‌ଇଡି ୱାଲ୍

ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କାର୍ଯ୍ୟଧାରାକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟ ନେଇ ଶନିବାର କୃଷି ବିଭାଗ ପକ୍ଷରୁ ରାଜ୍ୟର ୫୮ଟି ସବ୍‌ଡିଭିଜନରେ ଏଲ୍‌ଇଡି ଭିଡିଓ ୱାଲ୍ କାର୍ଯ୍ୟକ୍ଷମ କରାଯାଇଛି। ଏହି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୃଷି ଭବନ ସମ୍ମିଳନୀ କକ୍ଷରେ ଭିଡିଓ ୱାଲ୍‌ର ଶୁଭ ଉଦ୍‌ଘାଟନ କରି କହିଛନ୍ତି, କୃଷି ଓ ଚାଷୀ ଭାଇମାନଙ୍କ ମଧ୍ୟରେ ସୂଚନା ପ୍ରସାର ପାଇଁ ଏହି ପଦକ୍ଷେପ ଦେଶରେ ପ୍ରଥମ। ଏଥିପାଇଁ ସେ ବିଭାଗର ପ୍ରମୁଖ ଶାସନ ସଚିବ, ସମସ୍ତ ନିର୍ଦ୍ଦେଶକ ଓ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମସ୍ତ କଲ୍ୟାଣକାରୀ ଯୋଜନା, ଚାଷ ସମ୍ବନ୍ଧୀୟ ସମସ୍ତ ଅଦ୍ୟତନ ସୂଚନା ଓ ଉପଲବ୍ଧ ସୁବିଧାଗୁଡ଼ିକ ଏହି ଭିଡିଓ ୱାଲ୍ ମାଧ୍ୟମରେ ଚାଷୀମାନେ ଜାଣିପାରିବେ। ଏହାର ଲାଭ ଉଠାଇବା ପାଇଁ ସମସ୍ତ ଚାଷୀଙ୍କୁ ଉପମୁଖ୍ୟନ୍ତ୍ରୀ ଅନୁରୋଧ କରିଛନ୍ତି। ଉଦ୍‌ଘାଟନ ଅବସରରେ ବିଭିନ୍ନ ସବଡିଭିଜନରୁ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ଚାଷୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କଥା ହେବା ସହ ସରକାରଙ୍କ ଯୋଜନାଗୁଡ଼ିକରୁ ସେମାନେ ଉପକୃତ ହେଉଛନ୍ତି କି ନାହିଁ ବୋଲି ପଚାରି ବୁଝିଛନ୍ତି। ଏହିକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା କଟକ, ନୟାଗଡ଼, ଭୁବନେଶ୍ୱର ଏବଂ ପାଟଣାଗଡ଼ର ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରାରମ୍ଭରେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ମନ୍ତ୍ରୀଙ୍କୁ ଏହି ଉଦ୍‌ଘାଟନୀ ସମାରୋହକୁ ସ୍ୱାଗତ କରିବା ସହ ଏଲଇଡି ଭିଡିଓ ୱାଲ୍ ସ୍ଥାପନର ଉଦ୍ଦେଶ୍ୟ ଓ ଏଥିରୁ ଉପଲବ୍ଧ ସୁବିଧା ସମ୍ବନ୍ଧରେ ମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ।

# ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ଉପସ୍ଥିତ ଅଛନ୍ତି ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଭୁବନେଶ୍ୱର, ୧୩।୭ (ଶର୍ମିଷ୍ଠା ପାଣିଗ୍ରାହୀ)

## ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା

ରୁଷିଆର ସେଣ୍ଟ ପିଟର୍ସବର୍ଗଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶନିବାର ଓଡ଼ିଶା ଫେରିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଦ୍ମଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିଥିବାରୁ ସମ୍ମାନ ସ୍ୱରୂପ ୨ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରଥଯାତ୍ରାଠାରୁ ବାହୁଡ଼ା ମଧ୍ୟରେ ରୁଷିଆରେ ନିଜର ପ୍ରତିଭା ଦ୍ୱାରା ସମ୍ମାନିତ ହେବା ଏକ କଳାତ୍ମକ ସଂଯୋଗ। ସୁଦର୍ଶନ ବାବୁ ନନ୍ଦିଘୋଷ ରଥକୁ ରୁଷିଆରେ ପ୍ରଦର୍ଶିତ କରି ଓଡ଼ିଆ ଅସ୍ମିତାକୁ ବିଶ୍ୱସ୍ତରକୁ ନେଇପାରିଛନ୍ତି। ସମ୍ବର୍ଦ୍ଧନା ସମୟରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ।

# ଦେବେନ୍ଦ୍ର ଶତପଥୀ ବହୁମୁଖୀ ପ୍ରତିଭାର ଅଧିକାରୀ

ଭୁବନେଶ୍ୱର, ୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)



ଆଲୋଚନାଚକ୍ରରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ପର୍ଶୁରାମ ଦ୍ୱିବେଦୀଙ୍କ ସହ ଅନ୍ୟ ଅତିଥିମାନେ।

ସ୍ୱର୍ଗତ ଦେବେନ୍ଦ୍ର ଶତପଥୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଜଣେ ସଫଳ ରାଜନୀତିଜ୍ଞ, ସମାଜସେବୀ, କୃଷକ ଓ ଶ୍ରମିକ ଆନ୍ଦୋଳନର ପୁରୋଧା ଥିଲେ। ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦ ଦର୍ଶନର ମୁଖ୍ୟ ପ୍ରଚାରକ ଓ ପ୍ରସାରକ ଭାବେ କାର୍ଯ୍ୟ କରିବା ସହ ଦୈନିକ ଖବରକାଗଜ 'ଧରିତ୍ରୀ'ର ପ୍ରତିଷ୍ଠାତା ତଥା ପ୍ରଥମ ସମ୍ପାଦକ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଶନିବାର ପୂଜ୍ୟପୂଜା ଓଡ଼ିଶାର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ଷୀୟାନ ସାହିତ୍ୟକ ତଥା ବିପନ୍ନାଞ୍ଚଳର ଜାଗ୍ରତ ପ୍ରହରି ପର୍ଶୁରାମ ଦ୍ୱିବେଦୀଙ୍କ ସହ ଅନ୍ୟ ଅତିଥିମାନେ ଏହା କହିଛନ୍ତି।

ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାରେ ସୀତା ବଲ୍ଲଭ ମହାପାତ୍ର, ରାଜେନ୍ଦ୍ର ଶତପଥୀ, ଆରତି କର, ମିନତି ଷଡ଼ଙ୍ଗୀ, ଜିତେନ୍ଦ୍ର କୁମାର କର, ଲଡ୍ଡୁ କିଶୋର ପଢିଆରୀ, ସନ୍ଧ୍ୟାରାଣୀ ଶତପଥୀ, ତପନ କୁମାର କର ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ଯାତ୍ରୀଙ୍କଠାରୁ କ୍ୟାଟରିଂ ବର୍ଜ୍ୟ ସଂଗ୍ରହ କରିବେ କର୍ମଚାରୀ

ଭୁବନେଶ୍ୱର, ୧୩।୭(ଅନୁରାଧା ମହାରଣା)

■ସ୍ୱଚ୍ଛତା ଉପରେ ପୂର୍ବତଟ ରେଳପଥର ଗୁରୁତ୍ୱ

■ଟ୍ରାକ୍‌ରେ ଅଳିଆ ଫିଙ୍ଗିଲେ କାର୍ଯ୍ୟାନୁଷ୍ଠାନ

ପୂର୍ବତଟ ରେଳପଥ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଅଧୀନରେ ଯାତ୍ରୀ ସଚେତନତା, କ୍ୟାଟରିଂ ବର୍ଜ୍ୟବସ୍ତୁ ପରିଚାଳନା, ଅଳିଆ ସଂଗ୍ରହ ଆଦି କାର୍ଯ୍ୟକ୍ରମ କରାଯିବାକୁ ଥିବାବେଳେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରତ୍ୟେକ କୋଚ୍‌ର ଉଭୟ ପାର୍ଶ୍ୱରେ ଡଷ୍ଟବିନ ରହିଛି। ଉଭୟ ଟ୍ରେନ୍ ଓ ଟ୍ରାକ୍‌କୁ ସ୍ୱଚ୍ଛ ରଖିବା ପାଇଁ ଉକ୍ତ ଡଷ୍ଟବିନ୍ ବ୍ୟବହାର କରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯିବ। ସେହିପରି ଅନ୍ ବୋର୍ଡ ଟ୍ରେନ୍‌ରେ ଲାଇସେନ୍ସପ୍ରାପ୍ତ କର୍ମଚାରୀ ପ୍ରତ୍ୟେକ ଭୋଜନ ପରେ ଯାତ୍ରୀଙ୍କଠାରୁ କ୍ୟାଟରିଂ ବର୍ଜ୍ୟବସ୍ତୁ ସଂଗ୍ରହ କରିବେ। ସେମାନେ ଅବଶିଷ୍ଟ ଖାଦ୍ୟ, ପ୍ଲାଷ୍ଟିକ ବୋତଲ ଆଦି ଅଳିଆକୁ ବ୍ୟାଗରେ ସଂଗ୍ରହ କରି ଯାତ୍ରା ସମୟରେ ଏବଂ ଯାତ୍ରା ଶେଷରେ ନିର୍ଦ୍ଦିଷ୍ଟ ସଂଗ୍ରହ ପଏଣ୍ଟରେ ନିଷ୍କାସନ କରିବେ। ଟ୍ରେନ ଯାତ୍ରା ସମୟରେ ନିର୍ଦ୍ଧାରିତ ଷ୍ଟେଶନଗୁଡିକରେ ଅଳିଆ ସଂଗ୍ରହ ପାଇଁ ବ୍ୟବସ୍ଥା କରାଯାଇଛି। ଏହା ଟ୍ରେନ୍ କୋଚ୍‌ଗୁଡ଼ିକରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ ନିରନ୍ତର ନିଷ୍କାସନ କରିବାରେ ସହାୟକ ହେବ। ତେବେ କୋଚଗୁଡ଼ିକରୁ ବାହାରୁଥିବା ଆବର୍ଜନା ଟ୍ରାକ୍‌ରେ ଫିଙ୍ଗିଲେ ଲାଇସେନ୍ସପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏହି ଅଭିଯାନ ଅଧୀନରେ ଟ୍ରେନରେ ଉତ୍ପାଦିତ ବର୍ଜ୍ୟବସ୍ତୁ ଉପରେ ନଜର ରଖିବା, ପୃଥକ୍ କରିବା, ସଂଗ୍ରହ, ସଂରକ୍ଷଣ ଏବଂ ନିଷ୍କାସନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଯାତ୍ରା ସମୟରେ ନିୟମିତ କୋଚ୍ ସଫା କରିବା ପାଇଁ ମଧ୍ୟ ଉଦ୍ୟମ ଚାଲିଛି। ଚଟାଣ, ଖାଦ୍ୟ ଟ୍ରେ ଏବଂ ଶୌଚାଳୟ ପରି କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିବାବେଳେ ପୂର୍ବତଟ ରେଳପଥ ସ୍ୱଚ୍ଛତା କ୍ଷେତ୍ରରେ ଯାତ୍ରୀଙ୍କ ସହଯୋଗ ଲୋଡ଼ିଛି।

# ଗଞ୍ଜାମ ଆର୍ଯ୍ୟପଲ୍ଲୀରେ ହେବ ସ୍ମାର୍ଟ ଫିଶିଂ ହାର୍ବର

## କେନ୍ଦ୍ର ନିକଟରେ ପ୍ରସ୍ତାବ ରଖିଲେ ମନ୍ତ୍ରୀ ଗୋକୁଳାନନ୍ଦ

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀରେ ଏକ ସ୍ମାର୍ଟ ଫିଶିଂ ହାର୍ବର ନିର୍ମାଣ ହେବ। ଏଠାରେ ଅତ୍ୟାଧୁନିକ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ସ୍ଥାପନ ନେଇ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି ରଖିଛନ୍ତି। ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ତାମିଲନାଡୁର ମଦୁରାଇରେ ଆୟୋଜିତ ଦୁଇଦିନିଆ ଫିଶେରି ସମର ମିଟ୍–୨୦୨୪ରେ ଯୋଗଦେଇ ଏହି ପ୍ରସ୍ତାବ ରଖିବା ସହ ଓଡ଼ିଶାରେ ମାଛ ଚାଷର ବିକାଶ ପାଇଁ ବିଭିନ୍ନ ଦିଗ ଉପରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଅସ୍ତରଙ୍ଗରେ ଥିବା ଫିଶିଂ ହାର୍ବର ପାଇଁ କେନ୍ଦ୍ର ଦେଇଥିବା ୮୨ କୋଟି ଟଙ୍କା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏଥିପାଇଁ ୧୮୦ କୋଟି ଟଙ୍କା ଅନୁଦାନ ଦେବାକୁ ମନ୍ତ୍ରୀ ଦାବି କରିଥିଲେ। ସେହିଭଳି ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ପାଇଁ ୨୦୨୩ରୁ କେନ୍ଦ୍ର ନିକଟରେ ଆବେଦନ କରାଯାଇଥିବା ୨ କୋଟି ଟଙ୍କା ତୁରନ୍ତ ଦିଆଯାଉ ବୋଲି ମନ୍ତ୍ରୀ କହିଥିଲେ। ମାଛ ଉତ୍ପାଦନ ଓ ବିକ୍ରି ପାଇଁ ରାଜ୍ୟରେ କ୍ଲଷ୍ଟର ନିର୍ମାଣ ଲାଗି କେନ୍ଦ୍ର ସରକାର ୪୮୦ କୋଟି ଟଙ୍କା ଘୋଷଣା କରିଥିଲେ। ରାଜ୍ୟରେ ଏବେ ମୋଟ ୩୧ଟି କ୍ଲଷ୍ଟର ସୁଚାରୁରୂପେ କାମ କରୁଥିବାବେଳେ ବକେୟା ଥିବା ୧୬୨ କୋଟି ଟଙ୍କାକୁ ତୁରନ୍ତ ଦେବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ଓଡ଼ିଶାରେ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବାରୁ ରାଜ୍ୟରେ ଏକ ଆଞ୍ଚଳିକ ମତ୍ସ୍ୟ ଗବେଷଣା କେନ୍ଦ୍ର ଖୋଲିବାକୁ ଦାବି କରାଯାଇଛି। ସେହିପରି ମାଛଚାଷୀ ଦଲାଲଙ୍କ ଦ୍ୱାରା ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଥିବାରୁ ଏନେଇ ଆଇନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି ମନ୍ତ୍ରୀ। ଓଡ଼ିଶାରେ ୪୮୦କି.ମି.ର ସୁଦୀର୍ଘ ବେଳାଭୂମି ରହିଥିବାବେଳେ ମାଛ ଚାଷ ପାଇଁ ପ୍ରାକୃତିକ ସମ୍ପଦ ଭରପୂର ମାତ୍ରାରେ ରହିଛି। ଉନ୍ନତ ପ୍ରଣାଳୀରେ ମାଛଚାଷ କଲେ ଲାଭଜନକ ହେଉଥିବାରୁ ଏବେ ଗ୍ରାମ ଓ ସହରର ଯୁବ ଗୋଷ୍ଠୀ ଏଥିପ୍ରତି ଆକୃଷ୍ଟ ହେଉଥିବା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଡାଏରିଂ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ସତ୍ୟପାଲ ସିଂହ ବାଘେଲ, ମତ୍ସ୍ୟ, ପଶୁପାଳନ ଓ ଡାଏରିଂ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ।


ତାମିଲନାଡୁର ମଦୁରାଇରେ ଆୟୋଜିତ ଫିଶେରି ସମର ମିଟ୍‌ରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। (ବାମ)

# ବିଶ୍ୱବିଦ୍ୟାଳୟଗୁଡ଼ିକର ଖାଲି ପଦବୀ ପୂରଣ ଲାଗି ସରକାରଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର, ୧୩।୭(ସୁନିତ୍ ମିଶ୍ର)

ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ ଲାଗି ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ ସମୂହର କୁଳାଧିପତି ରଘୁବର ଦାସ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଶନିବାର ରାଜଭବନଠାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସହ ଅନୁଷ୍ଠିତ ବୈଠକରେ ରାଜ୍ୟପାଳ ଏହି ପରାମର୍ଶ ଦେବା ସହିତ ବିଶ୍ୱବିଦ୍ୟାଳୟଗୁଡିକରେ ଶୈକ୍ଷିକ ବାତାବରଣର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ ଯେ, ବୈଠକରେ ଜାତୀୟ ଶିକ୍ଷାନୀତି, ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକର ସ୍ଥିତି ତଥା ଏ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ, ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା କମିଶନର ଅରବିନ୍ଦ ଅଗ୍ରୱାଲଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

WALK IN INTERVIEW

We are Hiring

TECHNICIANS AND RIGGERS
for Telecom Tower Operation under Technocon Services
Dated : 16th and 17th July (Tuesday and Wednesday)
at Reliance Jio Centre Gandhi chowk, Jeypore, Koraput
Dated : 18th & 19th July (Thursday and Friday)
at Reliance Jio Centre, Negi House, BBC Pada, Bhawanipatna
Dated : 19th July (Friday)
at Reliance Jio office, Angan Complex, Kaliguda, Rayagada
Dated : 16th,17th, 18th July
at Reliance Jio Centre, Reddy Garage, Berhampur
Qualification for Technician :- ITI/ Diploma in EE, EC, ETC with min 2yrs of experience/ Freshers may apply.
For Rigger :- 10+2/ ITI
Salary: - As per company standards and Negotiable
Contacts: - 7381020291 (Rayagada)/ 9938049337 (Berhampur)/ 9861717528 (Jaypore)/ 9340356007 (Bhawanipatna)

କୋଟେସନ ଆବଶ୍ୟକ

19 Jul. ଠାରୁ 28 Jul. 2024 ପର୍ଯ୍ୟନ୍ତ, ସ୍ଥାନ ଏନ୍.ସି.ସି. କ୍ୟାମ୍ପ ଏସ୍.ଏମ୍.ଆଇ.ଟି. ଆଙ୍କୁଶପୁରଠାରେ କିରାନା ସାମଗ୍ରୀ, ଚିକେନ, ଅଣ୍ଡା ସୁଲଭ ମୂଲ୍ୟରେ ଯୋଗାଇପାରୁଥିବା ଠିକାଦାର କିମ୍ବା ବ୍ୟବସାୟୀ ନିମ୍ନଲିଖିତ ଠିକଣାରେ ସମୟ ସନ୍ଧ୍ୟା 06.00, ତାରିଖ 16 Jul. 2024 ସୁଦ୍ଧା କୋଟେସନ ପ୍ରେରିତ କରନ୍ତୁ।
କ୍ୟାମ୍ପ କମାଣ୍ଡାଣ୍ଟ
ଓସି. 2 ଓଡ଼ିଶା ବାଟାଲିୟନ, ଏନ୍.ସି.ସି. ବ୍ରହ୍ମପୁର, ଗାନ୍ଧିନଗର, ବ୍ରହ୍ମପୁର,ଫୋନ- 9437558928

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication, ତା.08.07.2024ରିଖ
ଟେଣ୍ଡର ସଂ. 40245659
ସାମଗ୍ରୀଗୁଡ଼ିକର ବିବରଣୀ : 500 CFM-10 KG/ CM ସ୍କୋୟାର, ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର ର ଯୋଗାଣ, ସଂସ୍ଥାପନ ଏବଂ ପ୍ରଚଳନ। ପରିଶିଷ୍ଟ-A ଅନୁଯାୟୀ ବିସ୍ତୃତ ବିବରଣୀ। ମେକ୍- କିର୍ଲୋସ୍କର/ELGI/ଚିକାଗୋ ନ୍ୟୁମେଟିକ୍ କିମ୍ବା ଅନୁରୂପ।
ଟେଣ୍ଡର ମୂଲ୍ୟ : ₹ 26,49,985/-, EMD @ 2% : ₹53,000/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.07.2024ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-305/P/24-25

# ୪୬ ବର୍ଷ ଅପେକ୍ଷାର ଅନ୍ତ ଆଜି




୧୩।୭।୨୦୨୪

| ୨,୪୧,୮୮୦ ଟଙ୍କା | |
|---|---|
| ସୁନା | ୧୧.୫୦୦ ଗ୍ରାମ୍ |
| ରୁପା | ୪ ଗ୍ରାମ୍ |

## ଖୋଲିବ ରତ୍ନଭଣ୍ଡାର

## ପ୍ରଥମେ ମହାପ୍ରଭୁ, ଶ୍ରୀଲୋକନାଥଙ୍କ ନିକଟରେ ପୂଜାର୍ଚ୍ଚନା ହେବ

## ଡିଜିଟାଲ ଫଟୋଗ୍ରାଫି ସହ ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ

## ସାପ ଧରାଳି, ମେଡିକାଲ୍ ଟିମ୍ ଉପସ୍ଥିତ ରହିବେ

ପୁରୀ, ୧୩।୭(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୪୬ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ରବିବାର ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବ। ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ପ୍ରଦାନ ସହ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେସ୍(ଏସ୍ଓପି) ଜାରି କରାଯାଇଛି। ଫଳରେ ଭିତର ରତ୍ନଭଣ୍ଡାର ଖୋଲାଯିବା ନିଶ୍ଚିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏସ୍ଓପି ପ୍ରଦାନ କରାଯାଇଛି। ଏହାପରେ ରତ୍ନଭଣ୍ଡାର ଖୋଲାଯିବା ନେଇ ପ୍ରସ୍ତୁତି ଶେଷ ହୋଇଛି। ରବିବାର ଅପରାହ୍ନ ୧ଟାରୁ ୧ଟା ୩୦ ମିନିଟ୍ ମଧ୍ୟରେ ରତ୍ନଭଣ୍ଡାର ଖୋଲାଯିବାକୁ ସ୍ଥିର ହୋଇଛି ବୋଲି ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି ଶେଷଥର ପାଇଁ ୧୯୭୮ ମସିହାରେ ରତ୍ନଭଣ୍ଡାର ଖୋଲାଯିବା ସହ ଏହାର ଅଡିଟ କରାଯାଇ ଇନ୍‌ଭେଣ୍ଟୋରି ପ୍ରସ୍ତୁତ କରାଯାଇଥିଲା।

ସମ୍ପ୍ରତି ରତ୍ନଭଣ୍ଡାର ଖୋଲିବା ନେଇ ଶନିବାର ରାଜ୍ୟ ସରକାର ଏସ୍ଓପି ପ୍ରଦାନ କରିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ରତ୍ନଭଣ୍ଡାର ତଦାରଖ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରତ୍ନଭଣ୍ଡାର ଖୋଲାଯିବ, ତା' ପରେ ମରାମତି ଏବଂ ଗଣତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସେହିଭଳି କେଉଁମାନେ ରତ୍ନଭଣ୍ଡାର ଭିତରକୁ ଯିବେ ସେ ନେଇ ମଧ୍ୟ ଏସ୍ଓପି ପ୍ରସ୍ତୁତ ହୋଇଛି। ଶନିବାର ରାତିରେ ପୁରୀ ନୀଳାଦ୍ରି ଭକ୍ତନିବାସରେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା କ୍ଷେତ୍ରରେ ମହାପ୍ରଭୁ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ କାମନା କରୁଛି। ରତ୍ନଭଣ୍ଡାର ଖୋଲାଯିବା ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ବିମଳା, ପ୍ରଭୁ ଲୋକନାଥ ଆଦି ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ଶରଣାପନ୍ନ ହୋଇ ଆଶୀର୍ବାଦ ନିଆଯିବ। ଜୁଲାଇ ୧୪ ତାରିଖ ରବିବାର ଅପରାହ୍ନ ୧ଟାରୁ ୧ଟା ୩୦ ମିନିଟ୍ ମଧ୍ୟରେ ଶୁଭ ମୁହୂର୍ତ୍ତ ଦେଖି ରତ୍ନଭଣ୍ଡାର ଖୋଲାଯିବ। ରତ୍ନଭଣ୍ଡାର ମଧ୍ୟକୁ କେଉଁମାନେ ଯିବେ, ସେ ନେଇ ଏସ୍ଓପି ପ୍ରସ୍ତୁତ ହୋଇଛି। ଏସ୍ଓପି ଅନୁଯାୟୀ, ରତ୍ନଭଣ୍ଡାର ତଦାରଖ କମିଟିର ୨ଜଣ ସଦସ୍ୟ, ପୁରୀ ଜିଲାପାଳ ଏବଂ ତାଲାଭଙ୍ଗା ଟିମ୍ ଯିବେ। ସେହିପରି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଟିମ୍, ରତ୍ନଭଣ୍ଡାର ମେକାପ, ତଡ଼ାଉକରଣ ସାମିଲ ହେବେ। ସେମାନଙ୍କ ସାଥିରେ ଅଭିଜ୍ଞ ସାପଧରାଳି, ଓଡ୍ରାଫ ଟିମ୍, ମେଡିକାଲ ଟିମ୍ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଉପସ୍ଥିତ ରହିବେ। ଆବଶ୍ୟକ ପଡ଼ିଲେ ରତ୍ନଭଣ୍ଡାର ଭିତରକୁ ଯିବେ। ସମସ୍ତେ ଶୁଦ୍ଧପୂତ ଭାବେ ସମର୍ପଣ ଭାବନା ନେଇ ରତ୍ନଭଣ୍ଡାର ଭିତରକୁ ଯିବେ। ରତ୍ନଅଳଙ୍କାର ସ୍ଥାନାନ୍ତର କରାଯାଇ ରଖାଯିବା ନିମନ୍ତେ ଶ୍ରୀମନ୍ଦିର ଭିତରେ ଚାଙ୍ଗଡ଼ା ଘର ପାଖରେ ଷ୍ଟ୍ରଙ୍ଗରୁମ୍ କରାଯାଇଛି। ଅଳଙ୍କାରର ସଂଖ୍ୟା, ମାନ, ଓଜନ ସ୍ଥିର କରାଯିବ। ଅଳଙ୍କାରଗୁଡ଼ିକର ଡିଜିଟାଲ ଫଟୋଗ୍ରାଫି କରାଯିବ। ଏଥିସହ ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ରବିବାର ପୂର୍ବାହ୍ନରେ ଏକ ବୈଠକ ବସିବ। କେଉଁମାନେ ରତ୍ନଭଣ୍ଡାରକୁ ଯିବେ ସେ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ରଥ କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ରତ୍ନଭଣ୍ଡାର ସମ୍ପର୍କିତ ଏସ୍ଓପି ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ଏନେଇ ବୈଠକ ସରିଛି। କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ, ମୁଖ୍ୟ ଶାସନ ସଚିବ, ଗଜପତି ମହାରାଜାଙ୍କ ସହ ଆଲୋଚନା କରାଯାଇ ସମସ୍ତଙ୍କ ପରାମର୍ଶ କ୍ରମେ ଏବଂ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ନିଆଯିବ। ରତ୍ନଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଙ୍କ ଶରଣାପନ୍ନ ହେବୁ। ଶ୍ରୀଲୋକନାଥଙ୍କ ନିକଟରୁ ଆଜ୍ଞାମାଳ ଆସିବ। ମା' ବିମଳାଙ୍କ ନିକଟରେ ଗୁଆଟେକା ହେବ। ଆଡ଼ପ ମଣ୍ଡପରେ ଶ୍ରୀବିଗ୍ରହଙ୍କ ଶରଣାପନ୍ନ ହେବୁ। ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରାଯାଉଛି ବୋଲି ପାଢ଼ୀ କହିଛନ୍ତି। ବୈଠକ ପରେ ଅଧ୍ୟକ୍ଷ ଜଷ୍ଟିସ୍ ରଥ, ଜିଲାପାଳ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଏସ୍‌ପି ପ୍ରମୁଖ ଶ୍ରୀମନ୍ଦିର ଯାଇ ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟା, ଅଳଙ୍କାର ରହିବାକୁ ଥିବା ଷ୍ଟ୍ରଙ୍ଗ ରୁମ୍ ସହ ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିଛନ୍ତି।


ରତ୍ନଭଣ୍ଡାର ଖୋଲିବା ସମ୍ପର୍କରେ ଅନୁଧ୍ୟାନ କରି ପ୍ରତିନିଧି ଦଳ ଫେରୁଛନ୍ତି।

## ସରିଲା ତିନି ରଥର ଦକ୍ଷିଣ ମୋଡ଼

### ନାକଚଣା ଦ୍ୱାର ସମ୍ମୁଖରେ ଲାଗିଲା ନନ୍ଦିଘୋଷ

ପୁରୀ, ୧୩।୭(ଅଜିତ୍ କୁମାର ମହାନ୍ତି):

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ରଥଯାତ୍ରାର ଷଷ୍ଠ ଦିବସରେ ବାହୁଡ଼ା ଯାତ୍ରାର ଆଦ୍ୟ ପର୍ବ ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରକୁ ବାହୁଡ଼ା ପାଇଁ ରଥ ଦକ୍ଷିଣ ମୋଡ କରିବା ନିମନ୍ତେ ଆଜ୍ଞାମାଳ ପ୍ରଦାନ କରିଥିଲେ। ତିନିରଥକୁ ଆଜ୍ଞାମାଳ ବିଜେ ହେବା ପରେ ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ପରମ୍ପରା ଅନୁସାରେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ, ପରେ ବଡ ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ ହୋଇଥିଲା। ପୋଲିସ ବାହିନୀ ରଥ ଦୁଇଟିକୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଟାଣିନେଇ ନାକଚଣା ଦ୍ୱାରଠାରେ ଲଗାଇଥିଲେ। ମାତ୍ର ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ହୋଇପାରି ନ ଥିଲା। ତେଣୁ ଶନିବାର ସକାଳୁ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ଘୋଷ ଘଣ୍ଟୁଆଙ୍କ ଘଣ୍ଟ ନାଦର ତାଳେ ତାଳେ ଆରକ୍ଷୀ ବାହିନୀ ନନ୍ଦିଘୋଷ ରଥକୁ ଟାଣିନେଇ ନାକଚଣା ମନ୍ଦିର ସମ୍ମୁଖରେ ଲଗାଇଥିଲେ। ତିନିରଥର ଦକ୍ଷିଣ ମୋଡ଼ ସରିବା ପରେ ବାହୁଡ଼ା ଯାତ୍ରାରେ ଶ୍ରୀବିଗ୍ରହମାନଙ୍କୁ ଶ୍ରୀମନ୍ଦିର ଅଭିମୁଖେ ନେଇଯିବା ପାଇଁ ରଥ ତ୍ରୟ ନାକଚଣା ଦ୍ୱାର ସମ୍ମୁଖରେ ଏବେ ଦଣ୍ଡାୟମାନ ରହିଛନ୍ତି। ଅପରପକ୍ଷରେ ତିନି ବାହୁଡ଼ା ଯାତ୍ରାକୁ ଭକ୍ତମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ଗୋପ, ୧୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ନାଗପୁର ପଞ୍ଚାୟତ ନାରୁଆ ଗ୍ରାମର ଧରିତ୍ରୀ ସ୍ୱାଇଁ (୭୧)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଥାନା ପକ୍ଷରୁ ଜଣାପଡ଼ିଛି। ପୋଲିସ ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଧରିତ୍ରୀ ସକାଳୁ ଫୁଲ ତୋଳୁଥିବାବେଳେ ବିଷାକ୍ତ ସର୍ପ ଦଂଶନ କରିଥିଲା। ପରିବାର ସଦସ୍ୟ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ପୁରୀ ସଦର ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ମହାପ୍ରଭୁଙ୍କ ପାଇଁ ପାଣିର ବାଷ୍ପରେ ପ୍ରସ୍ତୁତ ହୁଏ ପୋଡ଼ପିଠା

ପୁରୀ, ୧୩।୭(ଅଜିତ୍ କୁମାର ମହାନ୍ତି)

ଭୋଜନ ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେଥିପାଇଁ ତାଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ଖାଦ୍ୟରେ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ତାଙ୍କ ପାଖରେ ପିଠା ଭୋଗ କରାଯାଏ। ସେହିପରି ଘୋଷଯାତ୍ରାର ଅନନ୍ୟ ଓ ପ୍ରମୁଖ ପରମ୍ପରା ହେଉଛି ବାହୁଡ଼ାରେ ଦାରୁବିଗ୍ରହଙ୍କୁ ପୋଡ଼ପିଠା ଭୋଗ ମଣୋହୀ କରାଯିବା। ଦାରୁଦିଅଁ ନବଦିନାତ୍ମକ ଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କଲାବେଳେ ତାଙ୍କ ମାଉସୀ ମା' ଭାବେ ପରିଚିତ ମା' ଅର୍ଦ୍ଧଶୋଷିନୀ ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି। ମହାପ୍ରଭୁ ସଦାସର୍ବଦା ବାତ୍ସଲ୍ୟ ମମତାରେ ବନ୍ଧା। ମହାପ୍ରଭୁ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରିବା ବେଳେ ମାଉସୀଙ୍କ ହାତ ତିଆରି ପୋଡ଼ପିଠାକୁ ଭୁଲି ନ ଥାନ୍ତି। ଗୁଣ୍ଡିଚା ମନ୍ଦିରରୁ ଫେରିବା ବେଳେ ବାହୁଡ଼ା ଯାତ୍ରାରେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ମାଉସୀ ମା' ମନ୍ଦିର ସମ୍ମୁଖରେ ପୋଡ଼ପିଠା ଭୋଗ କରାଯାଇଥାଏ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସୁଛି। ବର୍ତ୍ତମାନର ମା'ଙ୍କ ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଡ଼ପିଠା ପ୍ରସ୍ତୁତ କରାଯାଉଛି। ହେରା ପଞ୍ଚମୀ ତିଥିରୁ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହା ପୋଡ଼ାଯାଇ ନ ଥାଏ। ପାଣିର ବାଷ୍ପରେ ପୋଡପିଠା ପ୍ରସ୍ତୁତ ହୋଇଥାଏ। ଭଲ ଘିଅ, ଅଟା, ଅଳେଇଚ, ଲବଙ୍ଗ, ପିସ୍ତାବାଦାମ ପରି ବିଭିନ୍ନ ସୁସ୍ୱାଦୁ ପ୍ରଦାର୍ଥ ପକାଯାଇ ପୋଡ଼ପିଠା ପ୍ରସ୍ତୁତ କରାଯାଏ। ୧୦ରୁ ୧୨ଘଣ୍ଟା ପାଣି ବାଷ୍ପରେ ପିଠା ପ୍ରସ୍ତୁତ ହୁଏ। ପୋଡ଼ପିଠା ପ୍ରସ୍ତୁତ ହେବା ପରେ ପିଠାକୁ ଥଣ୍ଡା କରାଯାଏ। ପରେ ତାକୁ ସାଇଜରେ ଖଣ୍ଡ ଖଣ୍ଡ ଭାବେ କଟାଯାଏ। ଏହି ପିଠାଗୁଡିକୁ ଭଲ ଘିଅରେ ଛଣାଯାଏ। ପରେ ସେଗୁଡିକୁ ମାଟି କୁଡ଼ିଆରେ ରଖାଯାଏ। ବାହୁଡ଼ା ଯାତ୍ରା ଦିନ ତିନି ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୋଡ଼ପିଠାଗୁଡ଼ିକୁ ସମର୍ପଣ କରାଯାଇଥାଏ।



## ଗୋରୁ ଚାଲାଣ ଘଟଣା: ୩ ଅଭିଯୁକ୍ତ ଗିରଫ

ଅସ୍ତରଙ୍ଗ, ୧୩।୭ (ମମତା ଜେନା)

ବାଙ୍କେଶ୍ୱରଠାରେ ଗୁରୁବାର ବେଆଇନ ଗୋଚାଲାଣ ହେଉଥିବା ଖବରପାଇ କାକଟପୁର ଥାନା ପୋଲିସ ୨୮ ଗୋରୁଉଦ୍ଧାର କରିଥିଲା। ହେଲେ ଗୋଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ କାକଟପୁର ପୋଲିସ ଫେରାର ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଙ୍କେଶ୍ୱର ଗ୍ରାମର ଶେଖ୍ ଫରିଦୁଲ୍ଲାଙ୍କ ୩ପୁଅ ଶେଖ୍ ଆଦତ, ଶେଖ୍ ଜାହାଙ୍ଗୀର, ଶେଖ୍ ଦାଉଦ୍। ଏମାନଙ୍କ ବିରୋଧରେ ପ୍ରାଣୀ ନିଷ୍ଠୁରତା ଆଇନ ବଳରେ ଦଫା ୩୦୨(୨), ୩୧୭(୨), ୩(୫) ବିଏନ୍ଏସ୍‌ରେ ମାମଲା ରୁଜୁ କରାଯାଇଛି। ବାଙ୍କେଶ୍ୱର ଗ୍ରାମରେ ବାରମ୍ବାର ଗୋଚାଲାଣ ହେଉଥିବା ଅଭିଯୋଗ ହେବାପରେ କାକଟପୁର ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

## ବିଦ୍ୟାଳୟରୁ ପିଲାଙ୍କ ଖାଦ୍ୟ ସାମଗ୍ରୀ ଚୋରି

ଡେଲାଙ୍ଗ, ୧୩।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଜେନାପୁର-୧ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୪ ବସ୍ତା ଚାଉଳ ସହିତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳକଣ୍ଠ ଚିନେରା ବିଦ୍ୟାଳୟରେ ପହଞ୍ଚିବା ପରେ ସମସ୍ତ ଶ୍ରେଣୀଗୃହର ଦୁଆର ଖୋଲା ଥିବା ଦେଖିବାକୁ ପାଇଥିଲେ। ପରେ ସେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଜେନାଙ୍କୁ ଖବର ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ରଖାଯାଇଥିବା ୪ ବସ୍ତା ଚାଉଳ ସହିତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଚୋରିହୋଇଥିବା ଜାଣି ସେ ଅଭିଯୋଗ କରିଛନ୍ତି। ସେହିପରି ଚିତଳପୁର ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟ ଚାଉଳ ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ପୋଲିସ ୨୬୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କାଳିଆପଦା ଗ୍ରାମରେ ଗଣ୍ଡଗୋଳ

ବଳଙ୍ଗା, ୧୩।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଗୋପୀନାଥପୁର ପଞ୍ଚାୟତର ଅଧୀନ କାଳିଆପଦା ଗ୍ରାମରେ ଗାଇ ଦୁଆଁ ସମୟରେ ଗଣ୍ଡଗୋଳ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ବଳଙ୍ଗା ପୋଲିସ ୨୦୪/୨୪ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରଫୁଲ୍ଲଙ୍କୁ ନିମାପଡ଼ା କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଛି।

## ଯୁବଶିଳ୍ପୀ ଅକ୍ଷୟଙ୍କୁ ସମ୍ବର୍ଦ୍ଧନା



ପିପିଲି, ୧୩।୭(ଦୁର୍ଗାମାଧବ ମିଶ୍ର)

ବିଗତ ୩ ବର୍ଷ ଧରି ପ୍ରତିବର୍ଷ ରଥଯାତ୍ରା ସମୟରେ କିଛି କିଛି ନୂଆ ଉଦ୍ଭାବନ କରି ଚର୍ଚ୍ଚାକୁ ଆସୁଥିବା ପିପିଲି ଦରଜି ସାହିର ଯୁବଶିଳ୍ପୀ ଅକ୍ଷୟ ମହାପାତ୍ର ଚଳିତବର୍ଷ ଦିଆସିଲି କାଠି ଏବଂ ଆଇସ୍‌କ୍ରିମ୍ କାଠିରେ ପ୍ରାୟ ଦେଢ଼ଫୁଟର ରଥ ନିର୍ମାଣ କରିଛନ୍ତି। ସେଥିରେ ପ୍ରଭୁ କାଳିଆ ଠାକୁର, ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ବିଗ୍ରହ ସ୍ଥାପନା କରି ରଥକୁ ରଙ୍ଗ ଦେଇ ଏପରି ନିଖୁଣ ଭାବେ ଚିତ୍ରଣ କରି ସମସ୍ତଙ୍କ ମନ ଜିଣିଛନ୍ତି। ଏହି କାରୁକାର୍ଯ୍ୟ ପିପିଲି ଏନ୍ଏସି କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ ଅକ୍ଷୟଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଆଗକୁ ଆହୁରି ଏମିତି କିଛି ନୂଆ ନିର୍ମାଣ କରି ଅଞ୍ଚଳର ସୁନାମ ଆଣିବାକୁ ଉତ୍ସାହିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣାଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ଏବଂ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ।

## ଚାରାରୋପଣ କଲେ ଏମ୍‌ପି, ବିଧାୟକ

କଣାସ, ୧୩।୭(ବିଭୂତି ଭୂଷଣ ତ୍ରିପାଠୀ)

'ମା' ପାଇଁ ବୃକ୍ଷଟିଏ' କାର୍ଯ୍ୟକ୍ରମ କଣାସ ବ୍ଲକର ୭ଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। କଣାସ ସମନ୍ୱିତ ଶିଶୁ ବିକାଶ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମଟି ପାଣ୍ଡିଆକେରା, ବକୁ, ସାହୁପଡ଼ା, ଖଣ୍ଟହତା, ବିଜିପୁର, ତ୍ରିଲୋଚନପୁର, ସିରେଇ ଗ୍ରାମପଞ୍ଚାୟତରେ ଆୟୋଜିତ ହୋଇଥିଲା। ମହିଳାଙ୍କୁ ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଅତିଥିମାନେ ବୁଝାଇଥିଲେ। ମା'ମାନେ ନିଜର ଛୁଆଙ୍କୁ ଯେଭଳି ଯତ୍ନରେ ପାଳନ୍ତି ସେଭଳି ଗଛକୁ ଯତ୍ନର ସହ ପାଳିବାକୁ କହିଥିଲେ। କାର୍ଯ୍ୟକ୍ରମରେ କଣାସ ତହସିଲଦାର ସନ୍ତୋଷ ପ୍ରାଣୀଗ୍ରାହୀ, ସିଡିପିଓ ସ୍ମିତା ମହାନ୍ତି, ବିଜୟ ଲକ୍ଷ୍ମୀ ବରାଳ ଓ ପଞ୍ଚାୟତ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## 'ସ୍ୱର୍ଗଦ୍ୱାର' ପୁସ୍ତକର ବଙ୍ଗଳା ସଂସ୍କରଣ ଲୋକାର୍ପିତ

ପୁରୀ, ୧୩।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀଶଙ୍କରାନନ୍ଦ ମଠ ପରିସରରେ ଏକ ଭାବମୟ ପରିବେଶରେ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ 'ସ୍ୱର୍ଗଦ୍ୱାର' ପୁସ୍ତକର ବଙ୍ଗଳା ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ମହେନ୍ଦ୍ରଗିରି ପାହାଡ଼ ଉପରେ ଥିବା ମହେନ୍ଦ୍ରଗିରି ମଠର ମହନ୍ତ ମହାରାଜ ସ୍ୱାମୀ ଭାସ୍କର ତୀର୍ଥ ପୁସ୍ତକକୁ ଲୋକାର୍ପଣ କରିଥିଲେ। କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର ଡ. ପ୍ରସାଦ ରାଓ ମୁଖ୍ୟ ଅତିଥି ଏବଂ ଦଇତାପତି ନିଯୋଗର ପୂର୍ବତନ ସଭାପତି ରବୀନ୍ଦ୍ରନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋଦଧିର ମହାତୀର୍ଥ ହେଉଛି ସ୍ୱର୍ଗଦ୍ୱାର। ସ୍ୱର୍ଗଦ୍ୱାର ଏକ ଶ୍ମଶାନ ନୁହେଁ, ସନାତନ ପରମ୍ପରାରେ ମହାଶ୍ମଶାନ। ଭାରତରେ ଦୁଇଟି ମହାଶ୍ମଶାନ ବାରାଣସୀର ଦଶାଶ୍ୱମେଧ ଘାଟ ଓ ନୀଳାଚଳ କ୍ଷେତ୍ରର ସ୍ୱର୍ଗଦ୍ୱାର। ରହସ୍ୟମୟ ଐତିହ୍ୟ ଥିବା ସ୍ୱର୍ଗଦ୍ୱାର ବିଶେଷ ଚର୍ଚ୍ଚା ପରିସରକୁ ଆସିପାରି ନ ଥିଲା ଆମାବାସ୍ୟାରେ ମହାପ୍ରଭୁଙ୍କ ଆଜ୍ଞା ନେଇ ଏଠାକୁ ଶ୍ରୀନାରାୟଣ ବିଜେ କରିବା ଏକ ରହସ୍ୟ। ସାବତ ନିଯୋଗ ପଣ୍ଡା ତାଙ୍କୁ ଭୋଗ ହୋଇ ଶ୍ମଶାନ କାଳୀଙ୍କୁ ସମର୍ପଣ ହେବା ତନ୍ତ୍ର ଦୃଷ୍ଟିରୁ ଆହୁରି ରହସ୍ୟମୟ। ଏଠି ପ୍ରେତମାନଙ୍କ ନାଥ ଭୂତନାଥଙ୍କ ସ୍ୱତନ୍ତ୍ର କ୍ରିୟା ଅଛି। ପ୍ରଥମ ଶ୍ରାଦ୍ଧ ପରମ୍ପରା ତାହାକୁ ବଳିଷ୍ଠ କରେ। ଦିନେ ମହାଶ୍ମଶାନର ଚାରିପଟ ବାଲୁକାରାଶି ଥିଲା। ଅନ୍ଧକାର ମଧ୍ୟରେ ଅଘୋରୀମାନଙ୍କ ଉପାସନା, ଜୁଇ ନିଆଁରେ ସାଧନା ମୁକ୍ତିର ମାର୍ଗକୁ ପ୍ରଶସ୍ତ କରିଥିଲା। ସଂସ୍କୃତ ଶାସ୍ତ୍ରର ନଅଖଣ୍ଡ ଗ୍ରନ୍ଥରେ ସ୍ୱର୍ଗଦ୍ୱାରର ଐତିହ୍ୟ ସ୍ଥାନ ପାଇଛି। ସ୍ୱର୍ଗର ଏହା କାହିକି ଦ୍ୱାର। ତାହା କର୍ମକାଣ୍ଡ ବିଜ୍ଞାନର ବିଧି ବିଧାନରୁ ସ୍ପଷ୍ଟ ହୁଏ। ବାସ୍ତବରେ ଏହା ମୁକ୍ତିର ଦ୍ୱାର। ପ୍ରଥମେ ସ୍ୱର୍ଗଦ୍ୱାର ପୁସ୍ତକକୁ ପୁରୀର ସାବିତ୍ରୀ ପ୍ରକାଶନ ୨୦୨୦ ମସିହାରେ ପ୍ରକାଶ କରିଥିଲା। କୋଲକାତାର ଶ୍ରେୟା ହାଲଦାର ଏହା ବଙ୍ଗଳା ଭାଷାନ୍ତର କରିବା ପରେ ସେଠାକାର ଭାଷା ସଂସ୍ଥାନ ପ୍ରକାଶନ ଚଳିତବର୍ଷ ରଥଯାତ୍ରା ଅବସରରେ ପ୍ରକାଶ କରିଛନ୍ତି। ଲୋକାର୍ପଣ ସମାରୋହରେ ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡର ସଭାପତି ଡ. ଦୁର୍ଗାପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଡ. ସୁରେନ୍ଦ୍ର କୁମାର ମିଶ୍ର, ମିହିର କୁମାର ମିଶ୍ର, ସଦାଶିବ ସାହୁ, ଆଦିତ୍ୟ ମିଶ୍ର, ବଙ୍ଗଳା ଭାଷାନ୍ତର କରିଥିବା ଅନୁବାଦିକା ଶ୍ରେୟା ହାଲଦାର, ବାବା ନାରାୟଣ ପାଢୀ, ରବିନାରାୟଣ ସ୍ୱରୂପ, କିଶୋରୀ ମୋହନ ସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପୁସ୍ତକ ଲୋକାର୍ପଣ ଉତ୍ସବରେ ଡ. ସୁରେନ୍ଦ୍ର କୁମାର ମିଶ୍ର ଏବଂ ଅନ୍ୟ ଅତିଥିମାନେ ।

## ମହାନଦୀ ବଞ୍ଚାଅ ଆନ୍ଦୋଳନ

ବଳଙ୍ଗା, ୧୩।୭(କେଦାରେଶ୍ୱର ନନ୍ଦ)

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଭାର୍ଗବୀ ନଦୀକୂଳରେ ନିମାପଡ଼ା ବ୍ଲକ ହରିପୁରର ବିଶ୍ୱେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନଦୀ ସୁରକ୍ଷା ସଂକ୍ରାନ୍ତୀୟ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଶଭଦ୍ରା, ଧନୁଆ, ଦୟା ଓ ଭାର୍ଗବୀ ନଦୀ ଆନ୍ଦୋଳନର ଅନେକ ନେତୃତ୍ୱ ଏଥିରେ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୈଠକର ନିଷ୍ପତ୍ତି ଯଥା ଓଡ଼ିଶା ପାଇଁ ନଦୀ ନୀତି, ନଦୀ ମିଶନ ଗଠନ, ଟ୍ରିବ୍ୟୁନାଲ ବାହାରେ ଆପୋସ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ, ରାଜ୍ୟର ନଦନଦୀଗୁଡ଼ିକର ତାଲିକା ପ୍ରସ୍ତୁତ ଇତ୍ୟାଦି ଦାବିଗୁଡ଼ିକୁ ଏଥିରେ ଅନୁମୋଦନ କରାଯାଇଥିଲା। ଏହାସହିତ ପ୍ରତି ମାସର ସଂକ୍ରାନ୍ତି ଦିନ ନଦୀ ଆଳତି କରିବାକୁ ଆହ୍ୱାନ ଦିଆଯାଇଛି। ଲୋକଙ୍କୁ ନଦୀ ସହ ଯୋଡ଼ିବାର ଏହା ଏକ ପ୍ରୟାସ। ନଦୀର ସୁରକ୍ଷା ପାଇଁ ଲୋକ ସଂଗଠନ ଗଢ଼ିବା ଉପରେ ଗୁରୁତ୍ୱ ଦିଆଯାଇ ନଦୀ ପଞ୍ଚାୟତ ଗଠନ ପାଇଁ ଆହ୍ୱାନ ଦିଆଯାଇଛି। ନଦୀଗୁଡ଼ିକର ଜମି ଆଜି ଜବରଦଖଲକାରୀଙ୍କ କବଳରେ କବଳିତ। ନଦୀ ଜମିକୁ ସେମାନଙ୍କ କବଳରୁ ଉଦ୍ଧାର ପାଇଁ ତହସିଲଦାରଙ୍କୁ ଦାବିପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏହାସହ ନଦୀ ଅବବାହିକାରେ ବ୍ୟାପକ ଚାରା ରୋପଣ ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଥମେ ଦୟା, ଭାର୍ଗବୀ, କୁଶଭଦ୍ରା ଓ ଧନୁଆରୁ ଆରମ୍ଭ ହେବ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ ଜଣାଇଛନ୍ତି। ଧନୁଆ ନଦୀ ସୁରକ୍ଷା ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ନେତା ନୀରଦ ବରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓପନ୍ ଲର୍ନିଂ ସିଷ୍ଟମ ନିର୍ଦ୍ଦେଶକ ପ୍ରକାଶ ରଥ, ମହାନଦୀ ଆନ୍ଦୋଳନ ପ୍ରବକ୍ତା ପ୍ରସନ୍ନ ବିଶୋଇ, ଦୟା ଆନ୍ଦୋଳନ ନେତା ସଚିକାନ୍ତ ପ୍ରଧାନ, ଉତ୍ପଳ ନନ୍ଦ ଦାଶଗୁପ୍ତା, ବିଭୂତି ମିଶ୍ର, ରାଜକିଶୋର ପରିଡ଼ାଙ୍କ ସମେତ ଭାର୍ଗବୀ, ଦୟା, ଧନୁଆ ଓ କୁଶଭଦ୍ରା ନଦୀକୂଳର ନଦୀ ସୁରକ୍ଷା ପାଇଁ କାର୍ଯ୍ୟରତ ଶତାଧିକ ପ୍ରମୁଖ ସାମାଜିକ କର୍ମୀ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ, ଓପନ୍ ଲର୍ନିଂ ସିଷ୍ଟମ ଦ୍ୱାରା ନିମାପଡ଼ା ଅଞ୍ଚଳରେ ୬୦ରୁ ଉର୍ଦ୍ଧ୍ୱ ଗ୍ରାମରେ ନଦୀ ସୁରକ୍ଷା ସମିତି ଗଠିତ ହୋଇସାରିଛି।



ବୈଠକରେ ଉପସ୍ଥିତ ସାମାଜିକ କର୍ମୀ ଏବଂ ଅନ୍ୟମାନେ ।

## ସଂକ୍ଷେପରେ

### ଶହୀଦନଗର ଦୁର୍ଗାଦେବୀଙ୍କ ୧୩ତମ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଶହୀନଗର ଦୁର୍ଗାପୂଜା ସମିତି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ୧୩ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ନିକଟରେ ଗୁରୁବାରଠାରୁ ତିନିଦିନବ୍ୟାପୀ ଚାଲିଥିବା ବିଶ୍ୱକଲ୍ୟାଣ ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଉତ୍ସବରେ ରାଜଧାନୀର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରାଜ୍ୟ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ହାଇକୋର୍ଟର ପୂର୍ବତନ ବିଚାରପତି ତଥା ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପ୍ରମୁଖ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ପବିତ୍ର ହେରାପଞ୍ଚମୀ ଅବସରରେ ମା'ଙ୍କ ପ୍ରତିଷ୍ଠାହୋମ ଓ ବିଶ୍ୱକଲ୍ୟାଣ ଯଜ୍ଞ ଯଥାରୀତି ଆରମ୍ଭ ହୋଇଥିଲା। ପୂଜା କମିଟିର ସମ୍ପାଦକ ସଚ୍ଚିଦାନନ୍ଦ ନାୟକ, ସଭାପତି ହେମନ୍ତ କୁମାର ପରିଡ଼ା, ଉପଦେଷ୍ଟା ମନୋରଞ୍ଜନ ଦାଶ, ସୁଧୀର କୁମାର ଶତପଥୀ, ସୁରେଶ କୁମାର ଦାସ, ସୁଧାଂଶୁ ରାଉତରାୟ, କାର୍ଯ୍ୟକାରୀ ସଭାପତି ସରୋଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ମନ୍ଦିର ପରିସରରେ ନଡ଼ିଆ ଚାରା ରୋପଣ



ବାଲିଅନ୍ତା,୧୩।୭(ନୀଳମାଧବ ସାହୁ)

ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ ପକ୍ଷରୁ ଶନିବାର ବାଲିଅନ୍ତାର ଅଟଳା ମହାଦେବ ମନ୍ଦିର ପରିସରରେ ନଡ଼ିଆ ଚାରା ରୋପଣ କରାଯାଇଛି। ଏଥିରେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ପରିବେଶ ଚେୟାର ଶିବବ୍ରତ ଦାସ ଓ ଡିଜିଏନ୍ ଅନିଲ ସାମଲ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଅଧିକରୁ ଅଧିକ ଆୟୋଜନ କରିବାକୁ ରୋଟାରିଆନ୍‌ଙ୍କୁ ସେମାନେ ଆହ୍ୱାନ ଦେଇଥିଲେ। କ୍ଲବ୍ ସଭାପତି ରୋଟାରିଆନ୍ ବିଭୂତି ଭୂଷଣ କର ଯୋଗଦେଇ ଆଗାମୀ ୨ ମାସ ମଧ୍ୟରେ କୋରାପୁଟ, ବଣେଇ, ନୟାଗଡ଼ ଓ ନୀଳଗିରି ଆଦି ସ୍ଥାନରେ କ୍ଲବ୍ ପକ୍ଷରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଚାରା ମଞ୍ଜି ବିଞ୍ଚାଯିବାକୁ ସ୍ଥିର ହୋଇଥିବା ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସହ-ପ୍ରାନ୍ତପାଳ ଶାନ୍ତନୁ ପାଣି, ପରିବେଶ ସହ ଅଧ୍ୟକ୍ଷ ପ୍ରଶାନ୍ତ ମିଶ୍ର, ସଞ୍ଜୟ ଚୌଧୁରୀ, ପୀତବାସ ମିଶ୍ର, ଦୀପକ ସେହଗଲ, ବସନ୍ତ ସାହୁ, ଅନୁପ ମିଶ୍ର, ବିଶ୍ୱଜିତ୍ ମିଶ୍ର, ଚିନ୍ମୟ ଦାସ, ରୋମା ସେହଗଲ, ଚୌଧୁରୀ ତାରା ପ୍ରସାଦ ଓ ଅଶୋକାନନ୍ଦ ଧର ଯୋଗଦେଇ ଚାରା ରୋପଣରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପାଟଣା ଗ୍ରାମର ବହୁ ଯୁବକ ପରିଚାଳନା କରିଥିଲେ।

### ଏକତରଫା ପ୍ରେମ ନିବେଦନ କରି ଯୁବକ ଗିରଫ

ଜଟଣୀ,୧୩।୭(ରବୀନ୍ଦ୍ରନାଥ ମହାକୁଡ଼)

ଏକତରଫା ପ୍ରେମ ନିବେଦନ ସହ ଧକ୍କା ମାରି ଭୟଭୀତ କରିବା ଅଭିଯୋଗରେ ଜଟଣୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲଣ କରିଛି। ସେ ହେଲେ ଏହି ଥାନା ଅଧୀନ ଲୋକକଲୋନୀ ଅଞ୍ଚଳର ବିଜୁ ବେହେରା। ଏନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୮୬/୨୪) ରୁଜୁକରି ତଦନ୍ତ ଚଳାଇଥିଲା।

# ଆନ୍ଧ୍ରପ୍ରଦେଶରେ କଳିଙ୍ଗ କୀର୍ତ୍ତିରାଜି

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)







ବିଭିନ୍ନ ପୌରାଣିକ ଓ ଐତିହାସିକ ତଥ୍ୟ ଆଧାରରେ ବିଶାଳ କଳିଙ୍ଗ ଭୂଖଣ୍ଡର କଳେବର ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ହେଲେ ବିଭିନ୍ନ ସମୟରେ ରାଜୁତି କରୁଥିବା ଭିନ୍ନ ଭିନ୍ନ ରାଜବଂଶ ଦ୍ୱାରା କଳିଙ୍ଗର ସଙ୍କୋଚନ ଓ ପ୍ରସାରଣ ହୋଇଥିଲା। ଏହି ରାଜବଂଶଗୁଡ଼ିକ ମଧ୍ୟରେ ଚେଦି, ବାଶିଷ୍ଠ, ମାଠର, ପିତୃଭକ୍ତ, ଶୈଳୋଦ୍ଭବ, ସୋମବଂଶୀ, ପୂର୍ବଗଙ୍ଗ ଓ ସୂର୍ଯ୍ୟବଂଶୀ ଗଜପତି ଆଦି ଅନ୍ୟତମ। ତେବେ କଳିଙ୍ଗର ମୁଖ୍ୟ ଭୂଭାଗରେ ବର୍ତ୍ତମାନ ଓଡ଼ିଶାର ମଧ୍ୟ ଓ ଦକ୍ଷିଣ ଭାଗ ତଥା ଉତ୍ତର ଆନ୍ଧ୍ରପ୍ରଦେଶର ଅଧିକାଂଶ ଅଞ୍ଚଳ ରହିଛି। ଏଥିସହ ପ୍ରାଚୀନ କଳିଙ୍ଗର ଭୌଗୋଳିକ ସତ୍ତା ଏକାଧିକ ରାଜ୍ୟ ମଧ୍ୟରେ ବିଭକ୍ତ ହୋଇଯାଇଥିବାବେଳେ ମଧ୍ୟ ଏହାର ଇତିହାସ ସହ ଜଡ଼ିତ ଶହ ଶହ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ବିକ୍ଷିପ୍ତ ଅବସ୍ଥାରେ ରହିଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ୍ କଲଚରାଲ ହେରିଟେଜ (ଇନ୍‌ଟାକ୍) ଓଡ଼ିଶା ଚାପ୍ଟର ପକ୍ଷରୁ ଆନ୍ଧ୍ରପ୍ରଦେଶରେ ଥିବା ଐତିହାସିକ କଳିଙ୍ଗ କୀର୍ତ୍ତିରାଜିଗୁଡ଼ିକର ସର୍ବେକ୍ଷଣ ଓ ଦସ୍ତାବେଜିକରଣ ପ୍ରକଳ୍ପ ଆରମ୍ଭ ହୋଇଛି। ଏଥିପାଇଁ ଇନଟାକ୍ ପକ୍ଷରୁ ନିୟୋଜିତ ୬ ଜଣିଆ ସର୍ଭେ ଟିମ୍‌ରେ

## ସର୍ବେକ୍ଷଣ ପ୍ରକଳ୍ପ ଆରମ୍ଭ କଲା ଇନ୍‌ଟାକ୍

ବିଷ୍ଣୁ ମୋହନ ଅଧିକାରୀ, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ କୁମାର ନାୟକ, ବିକାଶ ଦାସ, ଚିରଞ୍ଜୀବ ରାଉତ ଓ ଦୀପକ କୁମାର ନାୟକ ସାମିଲ ଅଛନ୍ତି। ଇନଟାକ୍ କଟକ ଚାପ୍ଟରର ସହଆବାହକ ଦୀପକ କୁମାର ନାୟକଙ୍କୁ ଏହି ସର୍ଭେର ପ୍ରକଳ୍ପ ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଦୀପକ ନାୟକ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଆମ ସର୍ଭେ ଟିମ୍ ଉତ୍ତର ଆନ୍ଧ୍ରପ୍ରଦେଶ ଅଞ୍ଚଳରେ କଳିଙ୍ଗ ଇତିହାସ ଜଡ଼ିତ ଐତିହାସିକ ସ୍ଥାନ ଓ କୀର୍ତ୍ତିରାଜିଗୁଡ଼ିକର ସନ୍ଧାନ ଓ ସର୍ବେକ୍ଷଣ କାର୍ଯ୍ୟ କରୁଛି। ଆମେ ବିଭିନ୍ନ ପ୍ରାଚୀନ ମନ୍ଦିର, ସାମରିକ ଦୁର୍ଗ, ରାଜପ୍ରାସାଦ, ବୌଦ୍ଧବିହାର ଓ ସ୍ତୁପ, ଗୁମ୍ଫା, ପ୍ରାଚୀନ ଶିଳାଲେଖ ଓ ତାମ୍ରଶାସନ ତଥା ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷକୁ ଆମ ଡକ୍ୟୁମେଣ୍ଟେଶନରେ ସାମିଲ କରିଛୁ। ଆଗାମୀ ଦିନରେ ଆନ୍ଧ୍ରପ୍ରଦେଶର ସମସ୍ତ ଜିଲାରେ ଅଜଣା ଓ ଅବହେଳିତ ସ୍ଥିତିରେ ଥିବା କଳିଙ୍ଗ କୀର୍ତ୍ତିରାଜିଗୁଡ଼ିକର ଚିହ୍ନଟ କରି ସେସବୁର ଉଚିତ ଡକ୍ୟୁମେଣ୍ଟେଶନ କରାଯିବ ବୋଲି ନାୟକ କହିଛନ୍ତି। ସଦସ୍ୟ ତଥା ଇତିହାସ ଗବେଷକ ବିଷ୍ଣୁ ମୋହନ ଅଧିକାରୀ କହିଛନ୍ତି, ଆନ୍ଧ୍ରପ୍ରଦେଶରୁ ମିଳୁଥିବା ଐତିହାସିକ କୀର୍ତ୍ତିରାଜିଗୁଡ଼ିକ କଳିଙ୍ଗ ଇତିହାସ, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ସଂସ୍କୃତି ତଥା ବିବିଧ ଧର୍ମବିଶ୍ୱାସର ପରିଚାୟକ। ଏହି ଐତିହାସିକ ସ୍ଥାନଗୁଡ଼ିକର ସଂରକ୍ଷଣ ସହ ସରକାରୀ ସ୍ତରରେ ପ୍ରଚାର ପ୍ରସାର ହେବ ବୋଲି ବିଷ୍ଣୁମୋହନ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ଡକ୍ୟୁମେଣ୍ଟେଶନର ରିପୋର୍ଟ ପୁସ୍ତକ ଆକାରରେ ପ୍ରକାଶିତ ହେବ ବୋଲି ଇନଟାକ୍ ଓଡ଼ିଶା ଚାପ୍ଟର ପକ୍ଷରୁ ସୂଚନା ଦିଆଯାଇଛି।





ସାଂସ୍କୃତିକୀ ଏବଂ ଓଡ଼ିଶୀ ଇଣ୍ଟରନ୍ୟାଶନାଲ ପକ୍ଷରୁ ଶନିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଓଡ଼ିଶୀ ପ୍ରତିଭା ଉତ୍ସବରେ ଯୁବା ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅଣ୍ଟା ଭିଡ଼ିଥିଲେ କର୍ମବୀର

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

## ଗୌରୀଶଙ୍କର ରାୟଙ୍କ ୧୮୬ତମ ଜୟନ୍ତୀ

ଉତ୍କଳଦୀପିକାର ପ୍ରତିଷ୍ଠାତା ସମ୍ପାଦକ, ଓଡ଼ିଆ ଭାଷା ଆନ୍ଦୋଳନର ମହାନ ପ୍ରବକ୍ତା କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୬ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ପିଏମଜି ଛକସ୍ଥିତ ପ୍ରତିମୂର୍ତ୍ତିଠାରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କହିଥିଲେ, ମାହାଙ୍ଗା ମାଟିର ଅସୁରେଶ୍ୱର ପ୍ରଗଣାର ଦୀକ୍ଷିତପଡ଼ା ଗ୍ରାମରେ ଜନ୍ମ ହୋଇ କଟକ ସହରକୁ ନିଜର କର୍ମଭୂମି ଭାବରେ ବାଛି ନେଇଥିଲେ କର୍ମବୀର ଗୌରୀଶଙ୍କର ରାୟ। ଉଚ୍ଚଶିକ୍ଷା ପରେ ସେ ପ୍ରଥମେ ଶିକ୍ଷକତା ଓ ପରେ ସରକାରୀ ଚାକିରି କରିବା ସହ ନିଜ ଉଦ୍ୟମରେ କଟକ ପ୍ରିଣ୍ଟିଂ ପ୍ରେସ ସ୍ଥାପନ କରିଥିଲେ। ଏହା ମାଧ୍ୟମରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ସମେତ ବହୁ କବିଙ୍କ ତାଳପତ୍ର ପୋଥିରେ ଲିଖିତ କାବ୍ୟ କବିତାକୁ ମୁଦ୍ରଣ କରିଥିଲେ। ପରେ ପଠାଣି ସାମନ୍ତଙ୍କ ପଞ୍ଜିକା ମଧ୍ୟ ଏଠାରେ ପ୍ରକାଶିତ ହୋଇଥିଲା। ଏହାପରେ ଉତ୍କଳଦୀପିକା ଖବରକାଗଜ ପ୍ରକାଶନ କରି ଓଡ଼ିଶାର ବିଭିନ୍ନ ସମସ୍ୟାକୁ ଖବରକାଗଜ ମାଧ୍ୟମରେ ପ୍ରକାଶନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ। ଓଡ଼ିଆ ଭାଷାର ବିଲୋପ ପାଇଁ ଯେତେବେଳେ ଚକ୍ରାନ୍ତ ହେଲା ସେତେବେଳେ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଓ ଅନ୍ୟ ବରପୁତ୍ରଙ୍କ ସହ ମିଶି କର୍ମବୀର ଗୌରୀଶଙ୍କର ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଅଣ୍ଟା ଭିଡ଼ିଥିଲେ। ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ଉତ୍କଳସଭା ଓ ପରେ ଉତ୍କଳ ସମ୍ମିଳନୀ ଗଠନ ହୋଇ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା ବୋଲି ବିଧାୟକ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ସର୍ବୋଦୟ ନେତା କୃଷ୍ଣ ସିଂହ, କର୍ମବୀର ଗୌରୀଶଙ୍କର ସ୍ମୃତି ସଂସଦ ସଭାପତି ତଥା ତାଙ୍କ ଦାୟାଦ ଉଦୟ ଶଙ୍କର ରାୟ, ମାଧ୍ୟମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ଡ. ବିଶ୍ୱଜିତ ଘୋଷ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରାଧ୍ୟାପକ ଡ. ରଙ୍ଗାଧର ସାହୁ, ପ୍ରାଧ୍ୟାପିକା ଡ. ଖାନସୀ ସିଂହ, ଉଇ ଫର୍ ଭୁବନେଶ୍ୱରର କାର୍ଯ୍ୟକ୍ରମ ସଂଯୋଜକ ଭାଜପା ନେତା ନରେନ ସାହୁ, କବି ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇଥିଲେ। ଚିରଞ୍ଜୀବ ଧନ୍ୟବାଦ ଅର୍ପଣ କରିଥିଲେ।

### ଘନଶ୍ୟାମ ପାଣିଗ୍ରାହୀଙ୍କ ୨ ଗଳ୍ପ ସଙ୍କଳନ ଉନ୍ମୋଚିତ

ଭୁବନେଶ୍ୱର,୧୩।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଲେଖକ ଘନଶ୍ୟାମ ପାଣିଗ୍ରାହୀଙ୍କ ୨ଟି ଗଳ୍ପ ସଙ୍କଳନ 'ମିଛୋଇ ଜେଜୀ ଓ ଅନ୍ୟାନ୍ୟ କାହାଣୀ' ଏବଂ 'ଅମୃତସ୍ୟ ପୁତ୍ରଃ ଓ ଅନ୍ୟାନ୍ୟ କାହାଣୀ' ଶନିବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ କଥାକାର ଦାଶ ବେନହୁର କହିଲେ, ଆମ କାହାଣୀରେ ହିଂସା, ସମସ୍ୟା ଆଉ ନୈରାଶ୍ୟ ନାହିଁ, ବରଂ ଆଶାବାଦ ଓ ସମାଧାନର କଥା ଭରି ରହିଛି। ସେଥିପାଇଁ ଆମ କାହାଣୀ ପାଶ୍ଚାତ୍ୟ ସାହିତ୍ୟଠାରୁ ଭିନ୍ନ। ଅନୁଭବ ଓ ଆବେଗ ଆମ କାହାଣୀର ମୂଳପିଣ୍ଡ। ଅନ୍ୟତମ ଅତିଥି ଭାବେ କଥାଶିଳ୍ପୀ ତଥା ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ଯେଉଁ କାହାଣୀ ପାଠକଙ୍କୁ ଭିନ୍ନ ଦୁନିଆକୁ ନେଇଯାଏ ତାହା ସବୁଠୁ ପ୍ରଭାବୀ। ଘନଶ୍ୟାମଙ୍କ ଗଳ୍ପ ସଙ୍କଳନ ପଢ଼ିବାବେଳେ ପାଠକ କାନ୍ଦିବେ, ଆମୋଦିତ ହେବେ, ଭାବପ୍ରବଣ ହେବ ଓ ଚିନ୍ତାଶୀଳ ମଧ୍ୟ ହେବେ। ଘନଶ୍ୟାମଙ୍କ କାହାଣୀ ଚୟନ ବିଚିତ୍ର, ନିଆରା ଓ ଅକଳ୍ପନୀୟ ବୋଲି ବିଶ୍ୱରଞ୍ଜନ ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି କହିଲେ, ଘନଶ୍ୟାମଙ୍କର ଗାଁ, ମାଟି, ମା' ଓ ଅତୀତ ସହ ରହିଥିବା ନିବିଡ଼ ସମ୍ପର୍କ ତାଙ୍କ ଗଳ୍ପକୁ ଅଧିକ କମନୀୟ କରିଛି। ୩ ଦଶନ୍ଧି ତଳେ ସେ ଘନଶ୍ୟାମଙ୍କର ଗଳ୍ପଟିଏ ପଢ଼ି କିଭଳି ବିଭୋର ହୋଇଥିଲେ ଓ ଚିଠି ଲେଖିଥିଲେ, ସେହି ସ୍ମୃତି ରୋମନ୍ଥନ କରିଥିଲେ ମହାନ୍ତି। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ ଘନଶ୍ୟାମ ପାଣିଗ୍ରାହୀ। ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ କବି ପବିତ୍ର ମୋହନ କର।

### ପୋଲିସ ଗାଡ଼ି ଧକ୍କାରେ ବ୍ୟକ୍ତିଙ୍କ ହାଡ଼ ଭାଙ୍ଗିଲା

ବାରଙ୍ଗ,୧୩।୭ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମ ମୁଣ୍ଡରେ ପୋଲିସ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରଘୁନାଥପୁର ଗ୍ରାମର ଅର୍ଜୁନ ଜେନା(୫୫)। ଦୁର୍ଘଟଣା ପରେ ପୋଲିସ ଗାଡ଼ିଟି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଅର୍ଜୁନଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶନିବାର ପୂର୍ବାହ୍ନ ୧୦ଟାରେ ଅର୍ଜୁନ ସାଇ ମନ୍ଦିରରୁ ଦର୍ଶନସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେ ନନ୍ଦନକାନନ ମୁଖ୍ୟରାସ୍ତା ଅତିକ୍ରମ କରିବା ସମୟରେ କଟକ ପଟୁ ଭୁବନେଶ୍ୱର ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏକ ପୋଲିସ ଗାଡ଼ି (ଓଡି୦୫-ଟି-୬୫୩୦) ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଅର୍ଜୁନ ସାଇକେଲରୁ ଛିଟିକି ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ, ଡାହାଣପଟ ଅଣ୍ଟା ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଥିବାରୁ ୩ଟି ଜାଗାରେ ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

### ନିଶା ପାଇଁ ଟଙ୍କା ନ ଦେବାରୁ ସ୍ତ୍ରୀକୁ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୧୩।୭(ସୂର୍ଯ୍ୟକାନ୍ତ ବେହେରା)

ମଦ୍ୟପ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ। ୨୦୦ ଟଙ୍କା ନଦେବାରୁ ସ୍ତ୍ରୀକୁ ଲୁହା ରଡ୍‌ରେ ଆକ୍ରମଣ କରିଛନ୍ତି। ମହିଳାଙ୍କ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ରଞ୍ଜନ ଡାକୁଆ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହା ରଡ ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିକରି ଅଭିଯୁକ୍ତ ରଞ୍ଜନ ତାଙ୍କ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ଅଭିଯୁକ୍ତ ନିଶା ସେବନ କରୁଥିବାରୁ ରୋଜଗାର କରୁଥିବା ସମସ୍ତ ଟଙ୍କା ସେ ସେହି ବାଟରେ ଖର୍ଚ୍ଚ କରିଦେଉଥିଲେ। ଫଳରେ ମହିଳା ଜଣକ ପରିବାର ଚଳାଇବା ପାଇଁ ପର ଘରେ କାମ କରୁଥିଲେ। ସେ ଯାହା ବି ପାରିଶ୍ରମିକ ପାଉଥିଲେ ତାକୁ ମଧ୍ୟ ରଞ୍ଜନ ଜୋର ଜବରଦସ୍ତ ଛଡେଇ ନେଇଯାଉଥିଲେ। ଗୁରୁବାର ସନ୍ଧ୍ୟାରେ ମଧ୍ୟ ଅଭିଯୁକ୍ତ ସ୍ୱାମୀ ରଞ୍ଜନ ସ୍ତ୍ରୀଙ୍କୁ ୨୦୦ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବାକୁ ମନା କରିବାରୁ ରଞ୍ଜନ ତାଙ୍କୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା।

### ଦୁର୍ଘଟଣାରେ ଦାଦା ମୃତ, ପୁତୁରା ଗୁରୁତର

ବାଲିପାଟଣା,୧୩।୭ (ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ଅଧୀନ ଭାପୁର ପଞ୍ଚାୟତ ବେଲେଶ୍ୱର ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଟକ ଜିଲା ନିଆଳି ଅଞ୍ଚଳର ଅଁଲୋ ଗ୍ରାମର ସନ୍ତୋଷ ସାହୁ(୩୪)। ତେବେ ମୃତକଙ୍କ ପୁତୁରା ଅର୍ଣ୍ଣବ ସାହୁଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଏନେଇ ସମ୍ପର୍କୀୟ କାଳନ୍ଦୀ ଚରଣ ସାମଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୪୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ଶନିବାର କ୍ଷତିପୂରଣ ଦାବିରେ ପଇଡ଼ପାଟଣା ଠାରେ ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

## ରାଜ୍ୟର ବନ୍ଦ କଳକାରଖାନା ଖୋଲିବାକୁ ଦାବିକଲା ସିଆଇଟିୟୁ



ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ଭାଜପା ସରକାର ଦାୟିତ୍ୱ ନେବାର ୧ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସରକାର ଆଗାମୀ ୧୦୦ ଦିନର କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରିଛନ୍ତି। ମାତ୍ର ଦୁଃଖର କଥା ଏଥିରେ ଶ୍ରମିକ କର୍ମଚାରୀ ଓ ସାଧାରଣ ଲୋକଙ୍କ ଜୀବନ ଜୀବିକା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ସିଆଇଟିୟୁ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଶନିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି କହିଲେ, ରାଜ୍ୟ ସରକାର ରାଜ୍ୟରେ ବନ୍ଦ ଥିବା କଳକାରଖାନା ଖୋଲି ବେକାର ଶ୍ରମିକମାନଙ୍କୁ ନିଯୁକ୍ତି ଦିଅନ୍ତୁ। ରାଜ୍ୟରେ ହଜାର ହଜାର କଳକାରଖାନା, ଖଣି ଖାଦାନ, ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ବନ୍ଦ ହୋଇପଡିଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଗୁପ୍ତା ପାୱାର, ପ୍ରିମିୟର କେବୁଲ ଆଦି କାରଖାନା ବନ୍ଦ ହୋଇଥିଲାବେଳେ ରାଜ୍ୟର ବିଭିନ୍ନ ସୂତାକଳ, ଚିନି ଓ ଅନ୍ୟାନ୍ୟ କାରଖାନା ଦୀର୍ଘଦିନ ହେଲା ବନ୍ଦ ରହିଛି। ଏଥିରେ ନିଯୁକ୍ତ ଶ୍ରମିକମାନେ ବେକାର ଅଛନ୍ତି, ଆଉକେତେଜଣ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ରାଜ୍ୟରେ ଖଣିଜ ସମ୍ପଦ, ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ, କୋଇଲା ଆଦି ଦେଶର ଅନ୍ୟ ବିକଶିତ ରାଜ୍ୟ ତୁଳନାରେ ବହୁ ପରିମାଣରେ ଗଚ୍ଛିତ ରହିଛି। ରାଜ୍ୟରେ ନଦନଦୀ, ଜଳପ୍ରପାତ, ଜଳଭଣ୍ଡାର ଆଦି ଜଳସମ୍ପଦର ଅଭାବ ନାହିଁ। କିନ୍ତୁ ବିଭିନ୍ନ ସମୟରେ କ୍ଷମତାସୀନ କେନ୍ଦ୍ର ସରକାରଙ୍କ ଅବହେଳା କାରଣରୁ ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇବି ଓଡ଼ିଶା ଆଜି ବି ସେମିତି ଗରିବ ରାଜ୍ୟର ପରିଚୟ ନେଇ ରହିଛି। ତେଣୁ ନୂଆ ରାଜ୍ୟ ସରକାର ଏସବୁ ଗୁରୁତ୍ୱର ସହ ନେଇ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସିଆଇଟିୟୁ ପକ୍ଷରୁ ଦାବି କରାଯାଇଛି। ଏଥିସହ ୪ଟି ଶ୍ରମ କୋଡ୍‌କୁ ବାତିଲ କରିବା, ଶ୍ରମିକଙ୍କ ସର୍ବନିମ୍ନ ମଜୁରି ଦୈନିକ ଅଶକୁଶଳୀ ୧ ହଜାର ଟଙ୍କା, ଅର୍ଦ୍ଧକୁଶଳୀ ୧୧୫୦ ଟଙ୍କା, କୁଶଳୀ ୧୨୫୦ ଟଙ୍କା ଓ ଉଚ୍ଚ କୁଶଳୀ ୧୩୭୫ ଟଙ୍କା ଧାର୍ଯ୍ୟ କରିବାକୁ ଜନାର୍ଦ୍ଦନ ପତି ଦାବି କରିଛନ୍ତି।

## ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୩।୭(ଶର୍ମିଷ୍ଠା ପାଣିଗ୍ରାହୀ)



ଜୟଦେବ ବିହାର ଲେନ୍ ନଂ.୫ ପଞ୍ଚମୁଖୀ ହନୁମାନ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଖଣ୍ଡ ଦୀପ ସ୍ଥାପନ, ଘଣ୍ଟ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହ ସ୍ନାନ, ଷୋଡ଼ଶ ଉପଚାର ପୂଜା, ଅଗ୍ନି ସ୍ଥାପନ, ମଣ୍ଡଳ ପୂଜା, ହୋମ, ହନୁମାନ ଚାଳିଶା ପଠନ ଓ ପୂର୍ଣ୍ଣାହୁତି କରାଯାଇଥିଲା। ପରିଷଦ ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରାଜ ଜାମଲା, ସମାଜସେବୀ ମନୋଜ ରଥ ଓ ଯୁଧିଷ୍ଠିର ସାହୁ, ମାନସ ରଞ୍ଜନ ରଥ, ସୀତାରାମ ମଲ୍ଲିକ, ରାଜଶ୍ରୀ ରଥ, ଦୁଃଶାସନ ସାହୁ, ମାୟାଧର ତ୍ରିପାଠୀ, ପରିଷଦର ଉପସଭାପତି ବିଭୂଦତ୍ତ ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ, କୋଷାଧ୍ୟକ୍ଷା ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଅଧିକ ନ୍ୟାୟାଳୟ ପ୍ରତିଷ୍ଠା ନେଇ ସରକାର ଚିନ୍ତା କରୁଛନ୍ତି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)

ପୂର୍ବ ପ୍ରଚଳିତ ଆଇପିସି, ସିଆର୍‌ପିସି ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟକୁ ଉଚ୍ଛେଦ କରାଯାଇ ବର୍ତ୍ତମାନ ଦେଶରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଲାଗୁ ହୋଇଛି। ବ୍ରିଟିଶ୍ ଅମଳରୁ ଚଳି ଆସୁଥିବା ଆଇନ ପ୍ରତିବଦଳରେ ଏହି ନୂଆ ଆଇନଗୁଡ଼ିକର ପ୍ରଣୟନ ଏକ ଯୁଗୋପଯୋଗୀ ପଦକ୍ଷେପ। ତେବେ ଏହାର ଠିକ୍ ରୂପାୟନ ପାଇଁ ସବୁବର୍ଗର ଆଇନଜୀବୀ, ସାଧାରଣ ଜନତା ଏହା ଉପରେ ଅଧିକ ଜ୍ଞାନ ଆହରଣ କରିବା ଜରୁରୀ। ସେହିପରି ଅନେକ ଗରିବ ତଥା ଅସହାୟ ଲୋକ ଅର୍ଥାଭାବ କାରଣରୁ ନିଜ ପାଇଁ ଆଇନଜୀବୀ ଠିକ୍ କରିପାରୁ ନାହାନ୍ତି। ଫଳରେ ସାମାନ୍ୟ ଅଭିଯୁକ୍ତ ହୋଇଥିଲେ ମଧ୍ୟ ସେମାନଙ୍କୁ ଅନେକ ଦିନ ଧରି କାରାଗାରରେ ରହିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ସହ ନ୍ୟାୟିକ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ଅଧିକ ସଂଖ୍ୟକ ନ୍ୟାୟାଳୟ ପ୍ରତିଷ୍ଠା ଲାଗି ସରକାର ଚିନ୍ତା କରୁଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ଆୟୋଜିତ 'ନେଭିଗେଟିଂ ଦି ନ୍ୟୁ ଲିଗାଲ୍ ଲ୍ୟାଣ୍ଡସ୍କେପ୍: ଅଣ୍ଡରଷ୍ଟାଣ୍ଡିଂ ଦି ରିସେଣ୍ଟ କ୍ରିମିନାଲ ଲ ରିଫର୍ମସ୍' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଆଇନଜୀବୀମାନେ ହେଉଛନ୍ତି ନ୍ୟାୟପାଳିକାର ସୁରକ୍ଷାଦାତା। ତେଣୁ ଆଇନଜୀବୀଙ୍କ ସମସ୍ତ ଅସୁବିଧାର ସମାଧାନ ଏବଂ ସେମାନଙ୍କୁ ମୌଳିକ ସୁବିଧା ପ୍ରଦାନରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। କର୍ମଶାଳାରେ ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଭି. ଗୋପାଳଗୌଡ଼, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଶିବଶଙ୍କର ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏଲ୍. ଏନ୍. ମିତ୍ର, ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କର୍ମଶାଳାକୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଛାତ୍ରୀ ଅଭିଲିପ୍ସା ମହାନ୍ତି ସଂଯୋଜନା କରିଥିଲେ।

# ବୋଲଗଡ଼ ବନାଞ୍ଚଳରେ ୧୭ ଟିକିଆ ହାତୀପଲ

**ବୋଲଗଡ଼, ୧୩।୭ (ଦେବବ୍ରତ ହୋତା)**





ଖୋର୍ଦ୍ଧା ରେଞ୍ଜ୍ ବୋଲଗଡ଼ ବନପାଳଙ୍କ କାର୍ଯ୍ୟାଳୟ ଅଧୀନ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୭ ଟିକିଆ ହାତୀପଲ ବୁଲୁଥିବା ଦେଖିବାକୁ ମିଳିଛି। ପଙ୍କାଳସାହି, କୁଶୁପଲା, ମରଦାବାଡ଼ି, କୋଟପଲା, ମଣ୍ଡଳସିଂହ, ଶ୍ୟାମସୁନ୍ଦରପୁର, ବୋଲଗଡ଼ ଆଦି ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ହାତୀପଲ ଶୁକ୍ରବାର ବିଳମ୍ବିତ ରାତିରେ ମରଦାବାଡ଼ି ଗ୍ରାମ ନିକଟରେ ବୁଲୁଥିବା ଖବରପାଇ ବୋଲଗଡ଼ ବନପାଳ ସଦଳବଳେ ପହଞ୍ଚି ହାତୀଙ୍କୁ ଠାବ କରି ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ଜରୁରୀ କାମ ନ ଥିଲେ ବାହାରକୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ନିକଟବର୍ତ୍ତୀ ଗ୍ରାମର ଅଧିବାସୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ହାତୀପଲ ନୟାଗଡ଼ ଜିଲା ରଣପୁର ବନାଞ୍ଚଳ ଅଧୀନ ଶୂଳିଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସିଛନ୍ତି ବୋଲି ବନପାଳ ପ୍ରଦୀପ ପଟ୍ଟନାୟକ ସୂଚନା ଦେଇଛନ୍ତି। ରଣପୁର ବ୍ଲକ ଠଣାପଲ୍ଲୀ ଗ୍ରାମ ନିକଟରେ ନବନିର୍ମିତ ଏକ ବନ୍ଧ ହୁଡ଼ା ରାସ୍ତା ଦେଇ ଏହି ହାତୀପଲ ଆସିଥିବା କୁହାଯାଉଛି। ଶନିବାର ଖୋର୍ଦ୍ଧା ରେଞ୍ଜ୍ ଅଧିକାରୀ ଜୟକୃଷ୍ଣ ପଣ୍ଡା ଏହି ଅଞ୍ଚଳରେ ପହଞ୍ଚି ଘଟଣାର ତଦାରଖ କରିଛନ୍ତି। ଖୋର୍ଦ୍ଧା ଜିଲା ବନ ବିଭାଗର ଏଲିଫ୍ୟାଣ୍ଟ ଟ୍ରାକର ଟିମ୍ ଓ ବୋଲଗଡ଼ ବନାଞ୍ଚଳ ଅଧୀନ ବନରକ୍ଷକମାନେ ମିଳିତଭାବେ ବନପାଳ ପଟ୍ଟନାୟକଙ୍କ ନେତୃତ୍ୱରେ ହାତୀପଲଙ୍କୁ ଠାବକରି ଘଉଡ଼ାଇବା ପାଇଁ ବିଭିନ୍ନ ସ୍ଥାନରେ ରହିଥିବା ବେଳେ ଲୋକମାନଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

## ଏକତରଫା ପ୍ରେମ ନିବେଦନ କରି ଯୁବକ ଗିରଫ

**ଜଟଣୀ, ୧୩।୭ (ରବୀନ୍ଦ୍ରନାଥ ମହାକୁଡ଼)**

ଏକତରଫା ପ୍ରେମ ନିବେଦନ ସହ ଧକ୍କା ମାରି ଭୟଭୀତ କରିବା ଅଭିଯୋଗରେ ଜଟଣୀ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲଣ କରିଛି। ସେ ହେଲେ ଏହି ଥାନା ଅଧୀନ ଲୋକକଲୋନୀ ଅଞ୍ଚଳର ବିଜୁ ବେହେରା। ଅଭିଯୋଗ ମୁତାବକ, ବିଜୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଗତ ୫ବର୍ଷ ହେବ ଏକତରଫା ପ୍ରେମ ନିବେଦନ କରିଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ବିଜୁ ଯୁବତୀଙ୍କ ଘରକୁ ଯାଇ ପ୍ରେମ ନିବେଦନ କରିଥିଲେ ମଧ୍ୟ ସେ ମନା କରିଥିଲେ। ଏହା ପରେ ସମ୍ପୃକ୍ତ ଯୁବତୀ ଓ ତାଙ୍କ ବଡ଼ଭଉଣୀଙ୍କୁ ବିଜୁ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୮୬/୨୪) ରୁଜୁକରି ତଦନ୍ତ ଚଳାଇବା ସହ ବିଜୁଙ୍କୁ ଗିରଫ କରିଥିଲା।



ବାଲୁଗାଁ ବାଇପାସ୍ ରାସ୍ତା ବେଲପଡ଼ା ଛକଠାରେ ଶନିବାର ଅପରାହ୍ନରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ଯାତ୍ରୀମାନେ ସୁରକ୍ଷିତ ଅବସ୍ଥାରେ ବାହାରୁଛନ୍ତି। (ଫଟୋ: ସଂଗ୍ରାମ ପାଇକରାୟ)

## ସଂକ୍ଷେପରେ

### ଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

**ବେଗୁନିଆ, ୧୩।୭ (ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ବୋଲଗଡ଼ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା କାସନ୍ଦା ଗ୍ରାମର କାର୍ତ୍ତିକ ସାହୁ। ତାଙ୍କଠାରୁ ୪୦ ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯିବ ବୋଲି ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍. ଜାଗିନ ରାଓ ସୂଚନା ଦେଇଛନ୍ତି।

### ୭୬ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

**ବେଗୁନିଆ, ୧୩।୭ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୮୨ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୮୬ ଜଣ ଓ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୯୬ ଜଣ ଭତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଅତିଥିଭାବେ ଯୋଗଦେଇ ୭୬ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସଭାର ପ୍ରାରମ୍ଭରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ପୂଜା ପୁଷ୍ପାଞ୍ଜଳି ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଦର୍ଶ ଶିକ୍ଷକ ବୈକୁଣ୍ଠଙ୍କ ପରଲୋକ

**ବୋଲଗଡ଼, ୧୩।୭ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ କାଦୁଅପଡ଼ା ଗ୍ରାମର ଆଦର୍ଶ ଶିକ୍ଷକ ବୈକୁଣ୍ଠ ବିହାରୀ ହୋତାଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସରଳ, ଅମାୟିକ ଓ ମିଷ୍ଟଭାଷୀ ଶିକ୍ଷକ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### କୁହୁଡ଼ି ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ

**ଟାଙ୍ଗୀ, ୧୩।୭ (ରଘୁନାଥ ସାହୁ)**

କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ମନୋଜ ମାନସିଂହ ସଭା ପରିଚାଳନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ଭୁଜବଳ ନୂତନ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ, ନୂଆ ଅଡିଟୋରିୟମ ପାଇଁ ପ୍ରସ୍ତାବ, ନୂତନ ସଦସ୍ୟଙ୍କୁ ଯୋଗ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପବିତ୍ର ସ୍ୱାଇଁ, ପ୍ରସନ୍ନ ସୁବୁଦ୍ଧି, ଲକ୍ଷ୍ମୀଧର ସାହୁ, ରତ୍ନାକର ସାମନ୍ତରାୟ, ଶତ୍ରୁଘ୍ନ ପ୍ରଧାନ, ହେମନ୍ତ ଜେନା, ପବିତ୍ର ଭୁଜବଳ, ପ୍ରକାଶ ବେବର୍ତ୍ତା, ନିଶିରଞ୍ଜନ ବଳବନ୍ତରାୟ, ରମେଶ ନାଇଡୁ, ହରି ସାମନ୍ତରାୟ, ଶକ୍ତି ପ୍ରସାଦ ଦାସ, ପବିତ୍ର ପ୍ରଧାନ ଉପସ୍ଥିତ ଥିଲେ।





ଭାରତୀୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଶନିବାର ବାଲୁଗାଁ ଚିଲିକା କୂଳ ଜେଟିଠାରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

# ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

**ବାଲୁଗାଁ, ୧୩।୭ (ସଂଗ୍ରାମ ପାଇକରାୟ)**

ଭାରତୀୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଶନିବାର ବାଲୁଗାଁ ଚିଲିକା କୂଳ ଜେଟିଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭେଙ୍କଟେଶ୍ୱର ବିଦ୍ୟାଳୟ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ଚାରା ରୋପଣ କରିବା ସହ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ଚିଲିକା କୂଳ ଜେଟିଠାରେ ପରିବେଶ ସଫେଇ କରିବା ସହ ୫୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ୪୦ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟରେ ସାମିଲ ହୋଇଥିଲେ। ଭୁବନେଶ୍ୱର ଶାଖା ପର୍ଯ୍ୟଟନ ବିଭାଗୀୟ ଅଫିସର ଜଗନ୍ନାଥ ବେହେରା, ସୁକାନ୍ତ ନାୟକ, ସଂଯୋଜକ ସୁଶାନ୍ତ ଦାସ, ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ରଞ୍ଜିତ ପ୍ରଧାନ, ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାସ୍ମଲ, ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଅଲାଇଡ଼ିହ ହାଇସ୍କୁଲ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ ନାୟକ ଓ ପୂର୍ବତନ ସଭାପତି ବିଜୟ ନନ୍ଦ, ଧୀରେନ୍ଦ୍ର ନାଥ ପାତ୍ର, ରବି ନାରାୟଣ ନାୟକ, ନନ୍ଦକିଶୋର ମିଶ୍ର, ଗୋପାଳ ଚନ୍ଦ୍ର ନାୟକ, ରବିନାରାୟଣ ପାଲ, ସଭ୍ୟ ସଚ୍ଚିଦାନନ୍ଦ ସେଠୀ, ଚିନ୍ତାମଣି ମିଶ୍ର, ସୁନୀଲ ପାତ୍ର, ସୋମନାଥ ସୁବୁଦ୍ଧି, ହିମାଂଶୁ ପାତ୍ର, ପ୍ରସନ୍ନ ସାମନ୍ତରାୟ, ଶିକ୍ଷକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଚିଲିକା ଡିଭିଜନର ଫରେଷ୍ଟ ଅଫିସର ଚାରା ଯୋଗାଇବାରେ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ୩ ଗୋରୁ ମୃତ, ୩ ଆହତ

**ଟାଙ୍ଗୀ, ୧୩।୭ (ରଘୁନାଥ ସାହୁ)**

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ବାଇପାସ୍ ହାପି ଷ୍ଟେ' ହୋଟେଲ ନିକଟରେ ଶନିବାର ଭୋର୍‌ରୁ ଏକ ଗାଡ଼ି ଧକ୍କାରେ ୩ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଟି ଗୋରୁ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଗୋସେବକ ରାଜେଶ ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ଦେବୀପ୍ରସାଦ ମହାରଣା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆହତ ଗୋରୁଙ୍କୁ ସେବା ଯୋଗାଇ ଦେଇଥିଲେ। ପ୍ରକାଶ ଯେ, ମାଲିକମାନେ ଗୋରୁଙ୍କୁ ଘରକୁ ନ ନେବାରୁ ରାସ୍ତାରେ ବୁଲୁଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି।

## ଚାରାରୋପଣ କାର୍ଯ୍ୟକ୍ରମ

**ବାଣପୁର, ୧୩।୭ (ଦିଲୀପ ସ୍ୱାଇଁ)**

ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ୨ହଜାର ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ରଖିଥିବା ବେଳେ ଶନିବାର ବରବରା ପଞ୍ଚାୟତ ଗୁରୁପଡା ଗ୍ରାମରେ ଚାରାରୋପଣ କରାଯାଇଛି। ଅଙ୍ଗନୱାଡ଼ି କର୍ମୀ ଲକ୍ଷ୍ମୀ ପ୍ରଧାନଙ୍କ ନେତୃତ୍ୱରେ ବୋଇତ ପ୍ରଧାନ, କାଫିନ ପ୍ରଧାନ, ହୀନ ପ୍ରଧାନ, ବାରି ପ୍ରଧାନ, ପ୍ରତିମା ପ୍ରଧାନ, ଝୁଲୁ ପ୍ରଧାନ, ବାଳିକମାନେ ଯୋଗଦେଇଥିଲେ। ଏକତା ପରିଷଦ ଟ୍ରଷ୍ଟର ପରିଚାଳିକା ସନ୍ଧ୍ୟା ଦେବୀ ଓ ତାରା ପ୍ରସାଦ ବାରିକ, ଟୁନି ଦାସ, ଟିଟୁ ରାଉତ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚାରାରୋପଣ କାର୍ଯ୍ୟକ୍ରମ ସହ ଜୈବ ବିବିଧତାର ସୁରକ୍ଷା ପାଇଁ ସଚେତନତା ମଧ୍ୟ କରାଯାଇଥିଲା।

# 'ପାଶ୍ଚାତ୍ୟ ଓ ଭାରତୀୟ ଚିକିତ୍ସା ପଦ୍ଧତି' କର୍ମଶାଳା

**ଖୋର୍ଦ୍ଧା, ୧୩।୭ (ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଶ୍ଚାତ୍ୟ ଓ ଭାରତୀୟ ଚିକିତ୍ସା ପଦ୍ଧତି ଶୀର୍ଷକ ଏକ କର୍ମଶାଳା ମୈତ୍ରୀ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ୧୯୮୧-୮୩ ବ୍ୟାଚ୍‌ର ଛାତ୍ର ଡା. କ୍ଷିତିଶ୍ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଭାରତୀୟ ଚିକିତ୍ସା ଶାସ୍ତ୍ର ରୋଗର ନିଦାନ କରିଥାଏ। ପାଶ୍ଚାତ୍ୟ ତୁଳନାରେ ଭାରତର ପ୍ରାଚୀନ ଚିକିତ୍ସା ପଦ୍ଧତି ବହୁ ଉଚ୍ଚକୋଟୀର ବୋଲି ମତପ୍ରକାଶ ପାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଡ. ବାମଦେବ ମିଶ୍ର, ଉପାଧ୍ୟକ୍ଷ ପ୍ରଣବ କିଶୋର ମହାନ୍ତି, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପୂର୍ବତନ ଛାତ୍ରସଂଘ ସମ୍ପାଦକ ଦେବ ପ୍ରସାଦ ମଜୁମ୍‌ଦାର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଧ୍ୟାପିକା ବିନ୍ଦୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ। କଲେଜ ପକ୍ଷରୁ ଡା. ମହାନ୍ତିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ମୋବାଇଲ ପାଇ ପୋଲିସ ଜିମାଦେଲେ ଶିକ୍ଷକ

**ବେଗୁନିଆ, ୧୩।୭ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜେରକ୍ସ ଦୋକାନଠାରୁ ଡଲକ ୟୁପି ସ୍କୁଲ ଶିକ୍ଷକ ବିବେକାନନ୍ଦ ମିଶ୍ର ଏକ ମୋବାଇଲ ଫୋନ ପାଇ ଶନିବାର ବେଗୁନିଆ ପୋଲିସ ଜିମା ଦେଇଛନ୍ତି। ସନ୍ଧ୍ୟାରେ ବର୍ଷା ହେବା ଯୋଗୁ ଶିକ୍ଷକ ମିଶ୍ର ସେଠାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ କେହି ନ ଥିବାବେଳେ ମୋବାଇଲଟି ସେଠାରେ ରହିଥିବା ଦେଖିବାକୁ ପାଇଥିଲେ। ମିଶ୍ରଙ୍କ ସହିତ ଖବରଦାତା ସଞ୍ଜୟ କୁମାର ବାହୁବଳେନ୍ଦ୍ର ଉପସ୍ଥିତ ଥିଲେ। ପରେ ଶିକ୍ଷକ ମିଶ୍ର ଉକ୍ତ ମୋବାଇଲକୁ ଆଣି ବେଗୁନିଆ ଥାନାରେ ସହକାରୀ ଉପ ନିରୀକ୍ଷକ ଭୁବନ ବେହେରା, ରାଇଟର ଶ୍ରୀନିବାସ ବାରିକ, ଖବରଦାତା ଯୋଗେଶ୍ୱର ପଣ୍ଡାଙ୍କ ଉପସ୍ଥିତିରେ ଥାନାରେ ଜିମା ଦେଇଥିଲେ। ମିଶ୍ରଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଶିକ୍ଷକ ବିବେକାନନ୍ଦ ମିଶ୍ର ପାଇଥିବା ମୋବାଇଲକୁ ପୋଲିସକୁ ଦେଉଛନ୍ତି।

# କେରଙ୍ଗରେ ସର୍ବଧର୍ମ ସମ୍ମିଳନୀ ଉଦ୍‌ଘାଟିତ

**ଖୋର୍ଦ୍ଧା, ୧୩।୭ (ପ୍ରଭାତ ପାଣିଗ୍ରାହୀ)**





ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଇଦ୍‌ଗାହ ପଡ଼ିଆରେ ଦ୍ୱିଦିବସୀୟ ବାର୍ଷିକ ସର୍ବଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଉପସଚିବ ଇସଲାହ ଓ ଇରଶାଦ୍ ଭାରତ ମୌଲାନା ଅବ୍ଦୁଲ ଓକିଲ ନିଆଜ ପୌରୋହିତ୍ୟ କରିଥିଲେ। ଖୋର୍ଦ୍ଧା ଓ ନୟାଗଡ଼ ଜିଲା ସଭାପତି ଅମିରୁଦ୍ଦିନ ଖାଁ ମୁଖ୍ୟ ଅତିଥି, ଜିଲା ପ୍ରଚାର ପ୍ରଭାରୀ ମୌଲାନା ମିର୍ ଅବ୍ଦୁଲ ହାଫିଜ, ପୂର୍ବତନ କେରଙ୍ଗ ସଭାପତି ମୁନୱ୍ୱର ଅହମ୍ମଦ ଖାଁ, ମୌଲାନା ନିଆଜ ଅହମ୍ମଦ ନାଏକ, ଶବିରୁଦ୍ଦିନ ଖାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟବକ୍ତା ମୌଲାନା ମକ୍‌ସୁଦ ଅଲ୍ଲୀ କହିଥିଲେ, ପ୍ରତ୍ୟେକ ଧର୍ମର ସାର ଏକ ଈଶ୍ୱର। କୋରାନ୍ ହେଉଛି ଆଲ୍ଲାଙ୍କ ବାଣୀ। ଏହାକୁ ୧୪ଶହ ବର୍ଷ ପୂର୍ବେ ଆଲ୍ଲା କୋରାନ ମାଧ୍ୟମରେ ସାର୍ବଜନୀନ କରିଥିଲେ। ସମ୍ମାନିତ ବକ୍ତା ମୌଲାନା ଶେଖ୍ ଅବ୍ଦୁଲ କାଦିର କହିଥିଲେ, କୋରାନ୍‌ରେ ସମସ୍ତ ସମସ୍ୟାର ସମାଧାନ ରହିଛି। ଏହା ପୈଗମ୍ବର ହଜରତ ମହମ୍ମଦଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା। ଜନ୍ମଠାରୁ ମୃତ୍ୟୁ ଏବଂ ଇହକାଳଠାରୁ ପରକାଳ ପର୍ଯ୍ୟନ୍ତ ସମସ୍ତ ବିବରଣୀ କୋରାନ୍‌ରେ ଲେଖା ରହିଛି। କୋରାନ ହେଉଛି ଜ୍ଞାନର ଗନ୍ତାଘର। ଭଲ ମଣିଷ ହେବାର ଉପଦେଶ ଦେଇଥାଏ। ମୌଲାନା କରାମତ ଅହମଦ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଏହି ସମ୍ମିଳନୀର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, କେରଙ୍ଗ ଭାଇଚାରାର ଏକ ଅନନ୍ୟ ଗ୍ରାମ। ଫୁଟ୍‌ବଲ ଖେଳାଳି ଏବଂ ଦେଶର ଯବାନମାନଙ୍କର ଗାଁ କେରଙ୍ଗ। ସମସ୍ତଙ୍କ ସହ ଭ୍ରାତୃଭାବ ସ୍ଥାପନା କରିଥାଏ। ସଭାପତିତ୍ୱ ଭାଷଣରେ ମୌଲାନା ଅବ୍ଦୁଲ ନିଆଜ କହିଥିଲେ, ଦୀକ୍ଷାର ପ୍ରଥମ ସର୍ତ୍ତ ହେଲା ଏକେଶ୍ୱରବାଦ୍। ସମସ୍ତଙ୍କ ସହଭାଗିତାରେ ସଙ୍ଗଠନ ସଶକ୍ତ ଓ ସମୃଦ୍ଧ ହେବ। ଏକତାରେ ହିଁ ଅଖଣ୍ଡତା ବୋଲି ସେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ କୋରାନ୍ ପାଠ ମୌଲାନା ଆକ୍‌ବର ଖାଁ କରିଥିବା ବେଳେ ଉର୍ଦ୍ଦୁ ନଜମ ମୋଇନୁଦ୍ଦିନ ଖାଁ ଏବଂ ପରେ ଇସ୍‌ରାଇଲ ଖାଁ ପଢ଼ିଥିଲେ। ଏହି ସର୍ବଧର୍ମ ସମ୍ମିଳନୀ ଦୁଇଦିନ ଧରି ଚାଲିବ ବୋଲି କମିଟି ସଚିବ ସୂଚନା ଦେଇଛନ୍ତି। ମୌଲାନା ରୌଶନ ଅହମ୍ମଦ ତନୱ୍ୱିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ରଙ୍ଗଣୀ ଶ୍ରୀ' ପୁସ୍ତକ ଲୋକାର୍ପିତ



**ଖୋର୍ଦ୍ଧା, ୧୩।୭ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଧଳାପଥର ଗ୍ରାମର ବୃନ୍ଦାବନ ସାହୁଙ୍କ ଦ୍ୱାରା ଲିଖିତ 'ରଙ୍ଗଣୀ ଶ୍ରୀ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମା' ଘର ପରିସରରେ ଆୟୋଜିତ ଏକ ଉତ୍ସବରେ ଚିତ୍ରକୂଟ ତୁଳସୀ ଧାମ ପୀଠାଧୀଶ୍ୱର ଜଗଦ୍‌ଗୁରୁ ଶ୍ରୀରାମଭଦ୍ରାଚାର୍ଯ୍ୟଜୀ ମହାରାଜ ପୁସ୍ତକ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ହଟକେଶ୍ୱର ପୀଠର ବରିଷ୍ଠ ସେବାୟତ ଦିଲୀପ ପଣ୍ଡା, ସୂର୍ଯ୍ୟକାନ୍ତ ମହାରଣା, ଦିଲୀପ ଖଣ୍ଡେଲୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶାକାହାରୀ ରଙ୍ଗଣୀ ସମାଜର ଜୀବନୀ ବୃତାନ୍ତ, କାର୍ଯ୍ୟଶୈଳୀ ଆଦି ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଛି। ରଙ୍ଗଣୀ ସମାଜ ପାଇଁ ଏହା ଏକ ଉପାଦେୟ ପୁସ୍ତକ ବୋଲି ପୁସ୍ତକ ସମ୍ପାଦକ ଖବରଦାତା ରମେଶ ସାହୁ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା ବେଳେ ୫ ଧରାପଡ଼ିଲେ

**ଦେଶୀ ପିସ୍ତଲ, ଗୁଳି, ୬ ମୋବାଇଲ, ଟଙ୍କା ଓ ୨ କାର୍ ଜବତ**

**ନିରାକାରପୁର, ୧୩।୭ (ମାନସ ଚନ୍ଦ୍ର ପଟ୍ଟନାୟକ)**





ନିରାକାରପୁର ଥାନା ପୋଲିସ ଚଢ଼ାଉ କରି ଡକାୟତି ଯୋଜନା ପଣ୍ଡ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଆନନ୍ଦପଲ୍ଲୀ ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନ(୩୦) ଓ ଶ୍ରୀଧର ପ୍ରଧାନ(୨୪), ରଣପୁର ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ସନ୍ତୋଷ ପ୍ରଧାନ(୨୦), ପୁରୀ ଜିଲା ସଦର ଥାନା ଅନ୍ତର୍ଗତ ତିନିକୁଡି ଗ୍ରାମର ମିଟୁ ପ୍ରଧାନ(୩୨) ଏବଂ ଖୋର୍ଦ୍ଧା ଜିଲା ଆଦର୍ଶ ଥାନା ଅନ୍ତର୍ଗତ ଜରିପୁଟ ଗ୍ରାମର ସଂଗ୍ରାମ ମଙ୍ଗରାଜ। ଏମାନଙ୍କ ନିକଟରୁ ୨ଟି ଦେଶୀ ପିସ୍ତଲ, ଦୁଇଟି ଗୁଳି, କ୍ଲୋରଫର୍ମ, ସେଲୋଟେପ୍, ହ୍ୟାଣ୍ଡ ଗ୍ଲୋବ୍ସ, ମଙ୍କିକ୍ୟାପ୍, ଗାମୁଛା, ରୁମାଲ, ବିଭିନ୍ନ କମ୍ପାନୀର ୬ଟି ମୋବାଇଲ ଫୋନ, ୯ ହଜାର ୭ଶହ ଟଙ୍କା ଓ ୨ଟି କାର୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୮୪/୨୪)ରୁଜୁ ପରେ ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ୩ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସବ୍‌ଇନ୍‌ସ୍‌ପେକ୍ଟର ଦୀପାଳିସା ନାୟକଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସବ୍‌ଇନ୍‌ସ୍‌ପେକ୍ଟର ଅରବିନ୍ଦ ରାଉଳଙ୍କ ନେତୃତ୍ୱରେ ଏକ ଟିମ୍ ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକକୁ ପାଟ୍ରୋଲିଂ ପାଇଁ ଯାଉଥିଲା। ଶରଣକୁଳରୁ ପୁରୀ ଯାଇଥିବା ନୂଆ ଜଗନ୍ନାଥ ସଡ଼କର ରାମେଶ୍ୱର ମେଡିକାଲ ଛକଠାରେ ଦୁଇଟି କାର୍ (ଓଡି ୦୨ବିଏଚ୍ ୨୩୩୨, ଓଡି ୩୩ଏଏଲ ୮୧୯୧)ରେ ୮ ଜଣ ଯୁବକ ବସିଥିଲେ। ବିଳମ୍ବିତ ରାତିରେ ଏଠାରେ କ'ଣ କରୁଛ ବୋଲି ପୋଲିସ ପଚାରିବାରୁ ୩ ଯୁବକ ଗାଡ଼ିରୁ ଡେଇଁ ନିକଟ ଜଙ୍ଗଲକୁ ପଳାଇ ଯାଇଥିଲେ। ତେବେ ପୋଲିସ ଅନ୍ୟ ୫ଜଣଙ୍କୁ କାବୁ କରିବା ସହ ଦୁଇଟି କାର୍ ଜବତ କରିଥିଲା। ପୋଲିସ କାର୍ ଯାଞ୍ଚ କରିବା ବେଳେ ଉପରୋକ୍ତ ସାମଗ୍ରୀସବୁ ଜବତ ହୋଇଥିଲା।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

କଟକ ସଦର, ୧୩।୭(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ବାପା ଅଭିଯୋଗ କରିବା ପରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ତଦନ୍ତ ଆରମ୍ଭ କରିଛନ୍ତି। ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ରବିବାର ସମ୍ପୃକ୍ତା ନାବାଳିକାଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସ କହିଛି।

### ଚାରା ରୋପଣ କାର୍ଯ୍ୟକ୍ରମ

ମଙ୍ଗୁଳି–ଜଗତପୁର, ୧୩।୭(ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଗୌଖାନା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ସଭାପତି ତଥା ଯୁବ ସଙ୍ଗଠକ ଜୟନ୍ତ କୁମାର ସ୍ୱାଇଁ, ତାଙ୍କ ସ୍ତ୍ରୀ ଆର୍ଯ୍ୟବାଳା ସ୍ୱାଇଁ ଯୋଗଦେଇ ୧୦ରୁ ଊର୍ଦ୍ଧ୍ୱ ଔଷଧୀୟ ଚାରାରୋପଣ କରିଥିଲେ। ଏଥିସହ ଇନ୍ଦ୍ରାଣୀପାଟଣା ଖେଳପଡିଆରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଏହି ଅବସରରେ ଜୟନ୍ତ କହିଛନ୍ତି, ପରିବେଶ ସନ୍ତୁଳନ ପାଇଁ ଚାରାରୋପଣର ଆବଶ୍ୟକତା ରହିଛି। ସେଥିପାଇଁ ସମସ୍ତ ଜନସାଧାରଣ ବର୍ଷାଋତୁରେ ଚାରରୋପଣ କରନ୍ତୁ। ଏହି କାର୍ଯ୍ୟକ୍ରମରେ ଅମୀୟ ଦାସ, ଝୁଲା ଦାସ, ସୁଶାନ୍ତ ଦାସ, ଶଙ୍କର ଦାସ, ମାଧବ ପ୍ରଧାନ, ସଙ୍ଗୀତା ମାହୁନ୍ତ, ପ୍ରଦୀପ ନାୟକ, ଶ୍ରୀକାନ୍ତ ଦାସ, ଟୁଲା ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଯୁଟିଆ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଫୁଲନଖରା, ୧୩।୭(ସତ୍ୟରଞ୍ଜନ ଦାସମହାପାତ୍ର)

ରାଜ୍ୟ ଯୁଟିଆ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଗୁରୁଦିବସ ପାଳନ ଉପଲକ୍ଷେ ଶିକ୍ଷକ ବାର୍ତ୍ତା ପତ୍ରିକା ପ୍ରକାଶନ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ସରକାରୀ କରଣ, ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ, ୨୦୦୫ରୁ ନିଯୁକ୍ତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ୬ଟି ଏନ୍‌କ୍ରିମେଣ୍ଟ ଓ ପେନ୍‌ସନ୍ ପ୍ରଦାନ, ବ୍ଲକ୍‌ଗ୍ରାଣ୍ଟ ଉଚ୍ଛେଦ ଇତ୍ୟାଦି ଦାବି ପୂରଣ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ଡ. ବ୍ରଜକିଶୋର ନାୟକ, ଅର୍ଜୁନ ପରମଗୁରୁ, ବ୍ରଜ କିଶୋର ଦାସ, ସୁବାଷ ଚନ୍ଦ୍ର ପାଢୀ, ଇନ୍ଦିରା ନାୟକ, ବିଜୟଲକ୍ଷ୍ମୀ ମହାନ୍ତି, ଅଭୟ ଚରଣ ପଣ୍ଡା, ପ୍ରାଣକୃଷ୍ଣ ସାମଲ, ମଞ୍ଜୁଳା ତ୍ରିପାଠୀ, କସ୍ତୁରୀ ଚରଣ ସ୍ୱାଇଁ, ମନୋରଞ୍ଜନ ମହାନ୍ତି, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାଧବ ମହାରଣା ଧନ୍ୟବାଦ ଦେଇଥିଲେ।

# ଆବଶ୍ୟକ ଯନ୍ତ୍ରୀ ନାହାନ୍ତି, ଉନ୍ନୟନ କାର୍ଯ୍ୟ ବିଳମ୍ବ

କଟକ ସଦର ବ୍ଲକ

କଟକ ସଦର, ୧୩।୭(ସୁଶାନ୍ତ କୁମାର ଜେନା)

ପ୍ରତିବର୍ଷ କଟକ ସଦର ବ୍ଲକ ଜରିଆରେ କଟକମହାନଗରନିଗମ(ସିଏମ୍‌ସି) ଅଞ୍ଚଳ ଓ ୨୩ଟି ପଞ୍ଚାୟତରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ମାତ୍ର ଏହି ସମସ୍ତ କାର୍ଯ୍ୟ କରିବା ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଯନ୍ତ୍ରୀ ନାହାନ୍ତି। ଫଳରେ ସବୁ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ଏକ ସମୀକ୍ଷା ବୈଠକ ବେଳେ ଜଣାପଡିଛି। ବାରବାଟୀ–କଟକ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଳମ୍ବରେ ହେଉଛି। ଏହାକୁ ନେଇ ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଉଦ୍‌ବେଗ ପ୍ରକାଶ କରିବା ସହ ଗତ ୪ ତାରିଖରେ କଟକ ସଦର ବ୍ଲକ କାର୍ଯ୍ୟାଳୟରେ ବିଡିଓ ରୁମାନା ଜାଫ୍ରିଙ୍କ ସହିତ ଆଲୋଚନା କରିଥିଲେ। କାରଣ ଉକ୍ତ ନିର୍ବାଚନମଣ୍ଡଳୀର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ୨ ବର୍ଷ ହେବ ଖର୍ଚ୍ଚ ନ ହୋଇ ବ୍ଲକ୍‌ରେ ପଡ଼ିରହିଛି। ମାତ୍ର ଯଥେଷ୍ଟ ସଂଖ୍ୟାରେ ଯନ୍ତ୍ରୀ ଓ କିରାଣି ନ ଥିବାରୁ ଗ୍ରାମପଞ୍ଚାୟତ ଓ ସହରର ବିଭିନ୍ନ କାର୍ଯ୍ୟ ବିଳମ୍ବ ହେଉଥିବା ବିଧାୟିକାଙ୍କୁ ବିଡିଓ ଅବଗତ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର–କଟକ ଓ ବାରବାଟୀ–କଟକ ନିର୍ବାଚନମଣ୍ଡଳୀ ଅଧୀନ ସିଏମ୍‌ସିର ବିଭିନ୍ନ ୱାର୍ଡରେ ବିଧାୟକ ଓ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିର ଅଧିକାଂଶ ଉନ୍ନୟନମୂଳକ କାର୍ଯ୍ୟ କଟକ ସଦର ବ୍ଲକ ଜରିଆରେ କରାଯାଇଥାଏ। ଉକ୍ତ ବ୍ଲକରେ ବର୍ତ୍ତମାନ ୪ ଜଣ ସହକାରୀ ଓ ୮ ଜଣ କନିଷ୍ଠଯନ୍ତ୍ରୀ କାର୍ଯ୍ୟ କରୁଥିବାରୁ ସେମାନଙ୍କ ଉପରେ ଅଧିକ ଚାପ ପଡୁଛି। ତେଣୁ ଠିକ୍ ସମୟରେ କାର୍ଯ୍ୟ ହୋଇପାରୁନାହିଁ। ଆଉ ଅଧିକ ୩ ଜଣ ଯନ୍ତ୍ରୀ ଦିଆଗଲେ ସବୁ କାର୍ଯ୍ୟ ଠିକ୍‌ଭାବେ ହୋଇପାରନ୍ତା ବୋଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ କୁହନ୍ତି। ଅପରପକ୍ଷରେ ସହରାଞ୍ଚଳରେ ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ କିମ୍ବା ମହାନଗର ନିଗମ କରିବା କଥା। ମାତ୍ର ଏହି ଦୁଇ ସଂସ୍ଥା ବିଧାୟକ ଏବଂ ଏମ୍‌ପି ପାଣ୍ଠି ଖର୍ଚ୍ଚ କଲେ ୨୦ ପ୍ରତିଶତ ଅର୍ଥ କର୍ମଚାରୀଙ୍କ ଦରମା ଓ ଗାଡ଼ିର ପେଟ୍ରୋଲ ଖର୍ଚ୍ଚ ବାବଦକୁ ଦାବି କରୁଛନ୍ତି। ଏଥିପାଇଁ ୨ ନିର୍ବାଚନମଣ୍ଡଳୀର ବିଧାୟକ ସହରର କାମ କଟକ ସଦର ବ୍ଲକ କାର୍ଯ୍ୟାଳୟ ଉପରେ ୨୦୦୧ରୁ ନ୍ୟସ୍ତ କରି ଆସୁଛନ୍ତି। କାରଣ ବ୍ଲକରେ ମାତ୍ର ୨ ପ୍ରତିଶତ ଖର୍ଚ୍ଚ ଦାବି କରାଯାଉଛି। ପ୍ରତି ମାସ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଏହି ବ୍ଲକ ପାଇଁ ଅଧିକ ୩ ଯନ୍ତ୍ରୀ ଓ ଗୋଟିଏ କିରାଣି ପଦବୀ ସୃଷ୍ଟି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ଏହି ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ‘ବିଶ୍ୱକୁ ରକ୍ଷା କରିବାକୁ ହେଲେ ଚାରାରୋପଣ ଜରୁରୀ’



ଖୁଣ୍ଟୁଣୀ, ୧୩।୭(ସଚ୍ଚିଦାନନ୍ଦ ପଣ୍ଡା)

**ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର**

ଆଠଗଡ଼ ବ୍ଲକ ଅଧୀନ ବାଲିସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱର ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିସହ କଲେଜ ପରିସରରେ ପରିବେଶ ସଚେତନତା ଓ ଚାରାରୋପଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସୁରେଶ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଇଂଲିଶ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ କହିଛନ୍ତି, ବିଶ୍ୱ ତଥା ମାନବ ସମାଜକୁ ବିପଦରୁ ରକ୍ଷା କରିବାକୁ ହେଲେ ଚାରାରୋପଣ ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକ। ଏହି ଅବସରରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ। ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା, ଚାରାରୋପଣ ସହିତ ଏହାର ଯତ୍ନ ନେବାକୁ ସାମୁହିକ ଶପଥ ନେଇଥିଲେ। ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ଦାସ, ଅଧ୍ୟାପକ ରଶ୍ମିରଞ୍ଜନ ମହାପାତ୍ର, ପ୍ରଶାନ୍ତ କୁମାର ସାମଲ, ଶଶିକାନ୍ତ ମହାନ୍ତି, ଅଧ୍ୟାପିକା ମମତା ସେନାପତି, ଅଧ୍ୟାପକ ମଳୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାଗଜ ତିଆରି ବ୍ୟାଗ୍ ବ୍ୟବହାର କଲେ ପରିବେଶ ସୁସ୍ଥ ରହିବ




ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଏନ୍‌ସିସି ପକ୍ଷରୁ ବିଶ୍ୱ କାଗଜ ବ୍ୟାଗ ଦିବସ ପାଳନ କରାଯାଉଛି।

ବାଙ୍କୀ, ୧୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବିଶ୍ୱ କାଗଜ ବ୍ୟାଗ ଦିବସ ପାଳିତ**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଏନ୍‌ସିସି ପକ୍ଷରୁ ବିଶ୍ୱ କାଗଜ ବ୍ୟାଗ ଦିବସ ପାଳିତ ହୋଇଯାଇଛି। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମହିଳା ଏନ୍‌ସିସି ଅଧିକାରିଣୀ ଅଧ୍ୟାପିକା ସାଗରିକା ଦାଶଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ସାଗରିକା କହିଥିଲେ ପଲିଥିନ, ଜରି ଓ ପ୍ଲାଷ୍ଟିକ ବ୍ୟାଗ ବର୍ଜନ କରି କାଗଜ ତିଆରି ବ୍ୟାଗ ବ୍ୟବହାର କଲେ ପରିବେଶ ସୁସ୍ଥ ରହିପାରିବ। ୧୮୫୦ ମସିହାରେ ଫ୍ରାନ୍ସିସ ୱାଲି କାଗଜ ନିର୍ମିତ ବ୍ୟାଗ ପ୍ରଥମେ ତିଆରି କରି ସାରା ବିଶ୍ୱରେ ଏହାର ପ୍ରଚଳନ ଉପରେ ଗୁରୁତ୍ୱ ଦେଇଥିଲେ। ପରବର୍ତ୍ତୀ କାଳରେ କାଗଜ ବ୍ୟାଗ ପ୍ରଚଳ ପାଇଁ ସାରା ବିଶ୍ୱରେ ପ୍ରଚାର ପ୍ରସାର ହେବା ସହ ପରିବେଶକୁ ସୁସ୍ଥ ରଖିବା ପାଇଁ ସମସ୍ତେ ଉଦ୍ୟମ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ଏନ୍‌ସିସିର ୧୭ ଜଣ ମହିଳା କ୍ୟାଡେଟ୍ ସାମିଲ ହୋଇ କାଗଜ ବ୍ୟାଗ ତିଆରି କରି କର୍ମଚାରୀ ଓ କଲେଜ ରୋଡ୍‌ସ୍ଥିତ ବିଭିନ୍ନ ଘରକୁ ଯାଇ ବଣ୍ଟନ କରିଥିଲେ।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଫୁଲନଖରା, ୧୩।୭(ସତ୍ୟରଞ୍ଜନ ଦାସମହାପାତ୍ର)

ଯୁବତୀଙ୍କୁ ବଳାତ୍କାର କରିବା ସହ ଟଙ୍କା ଚୋରି କରି ନେବା ଅଭିଯୋଗରେ ପାହାଳ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ବିକ୍ରମ ଦାସ। ଅଭିଯୋଗ ଅନୁଯାୟୀ, ପାହାଳ ଥାନା ଅଞ୍ଚଳରେ ଗଞ୍ଜାମ ଜିଲା ଗାଙ୍ଗପୁର ମରେଇପଙ୍କା ଅଞ୍ଚଳର ଜଣେ ଯୁବତୀ ରହୁଥିଲେ। ବିକ୍ରମଙ୍କ ସହିତ ଫେସ୍‌ବୁକ୍‌ରେ ତାଙ୍କର ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ବିକ୍ରମ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ବିବାହ କରିବା ପାଇଁ ତାଙ୍କୁ ମନା କରିବା ସହ ତାଙ୍କ ଘରୁ ୩୦,୦୦୦ ଟଙ୍କା ଚୋରି କରି ନେଇଥିଲେ। ଏନେଇ ଯୁବତୀ ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୨/୨୪) ରୁଜୁ କରିଛି। ଏଥିସହ ମାହାଙ୍ଗା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ୮ ସପ୍ତାହରେ ବ୍ୟକ୍ତିଗତ ଶୁଣାଣି ନିର୍ଦ୍ଦେଶ

କଟକ, ୧୩।୭(କାର୍ତ୍ତିକ ସାହୁ)

**ଗୃହରକ୍ଷୀଙ୍କ କାର୍ଯ୍ୟ ବନ୍ଦ ମାମଲା**

ଗୃହରକ୍ଷୀ ବାହିନୀ ସଙ୍ଗଠନରୁ କୌଣସି କାରଣରୁ ଯଦି କାହାକୁ ବହିଷ୍କାର କରାଯାଉଛି ଏହା ପୂର୍ବରୁ ସମ୍ପୃକ୍ତ ଗୃହରକ୍ଷୀଙ୍କ ବ୍ୟକ୍ତିଗତ ଶୁଣାଣି କରିବାର ନିୟମ ରହିଛି। ଏପରି ଏକ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଦରଖାସ୍ତକୁ ପୁନଃବିଚାର କରିବା ସହିତ ବ୍ୟକ୍ତିଗତ ଶୁଣାଣି କରିବା ନିମନ୍ତେ ଗୃହରକ୍ଷୀ ବାହିନୀର କମାଣ୍ଡାଣ୍ଟ ଜେନେରାଲଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୮ ସପ୍ତାହ ସମୟ ଧାର୍ଯ୍ୟ ହୋଇଥିବା ନେଇ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ମୁକ୍ତି ତିର୍କୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଆର୍.କେ. ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦରଗଡ଼ ଜିଲାର ଆବେଦନକାରୀ ତଥା ଗୃହରକ୍ଷୀ ମୁକ୍ତି ତିର୍କୀ ୧୯୯୬ରେ ଗୃହରକ୍ଷୀ ବାହିନୀରେ ନିଯୁକ୍ତି ପାଇ ୨୦୦୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ହଠାତ୍ ଉପରିସ୍ଥ ଅଧିକାରୀ ମୁକ୍ତିଙ୍କ କାର୍ଯ୍ୟ ବନ୍ଦ କରିବା ସହ ବହିଷ୍କାର କରିଥିଲେ। ମାତ୍ର ଏ ସଂକ୍ରାନ୍ତରେ ତାଙ୍କୁ ଲିଖିତ ନିର୍ଦ୍ଦେଶ ଦିଆଯାଇ ନ ଥିଲା। ଏ ନେଇ ମୁକ୍ତି ବହୁ ବରିଷ୍ଠ ଅଧିକାରୀଙ୍କୁ ଭେଟି ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ମୁକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶଙ୍କରାଚାର୍ଯ୍ୟ ଚୌଧୁରୀ ମାମଲା ପରିଚାଳନା କରୁଥିଲେ।

## ଅଧିକ ନ୍ୟାୟାଳୟ ପ୍ରତିଷ୍ଠା ନେଇ ସରକାର ଚିନ୍ତା କରୁଛନ୍ତି: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୩।୭(ବନ୍ଦନା ସେଠୀ)

ପୂର୍ବ ପ୍ରଚଳିତ ଆଇପିସି, ସିଆର୍‌ପିସି ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟକୁ ଉଚ୍ଛେଦ କରାଯାଇ ବର୍ତ୍ତମାନ ଦେଶରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ) ଲାଗୁ ହୋଇଛି। ବ୍ରିଟିଶ୍ ଅମଳରୁ ଚଳି ଆସୁଥିବା ଆଇନ ପ୍ରତିବଦଳରେ ଏହି ନୂଆ ଆଇନଗୁଡ଼ିକର ପ୍ରଣୟନ ଏକ ଯୁଗୋପଯୋଗୀ ପଦକ୍ଷେପ। ତେବେ ଏହାର ଠିକ୍‌ରୂପାୟନ ପାଇଁ ସବୁବର୍ଗର ଆଇନଜୀବୀ, ସାଧାରଣ ଜନତା ଏହା ଉପରେ ଅଧିକ ଜ୍ଞାନ ଆହରଣ କରିବା ଜରୁରୀ। ସେହିପରି ଅନେକ ଗରିବ ତଥା ଅସହାୟ ଲୋକ ଅର୍ଥାଭାବ କାରଣରୁ ନିଜ ପାଇଁ ଆଇନଜୀବୀ ଠିକ୍ କରିପାରୁ ନାହାନ୍ତି। ଫଳରେ ସାମାନ୍ୟ ଅଭିଯୁକ୍ତ ହୋଇଥିଲେ ମଧ୍ୟ ସେମାନଙ୍କୁ ଅନେକ ଦିନ ଧରି କାରାଗାରରେ ରହିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ସହ ନ୍ୟାୟିକ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ଅଧିକ ସଂଖ୍ୟକ ନ୍ୟାୟାଳୟ ପ୍ରତିଷ୍ଠା ଲାଗି ସରକାର ଚିନ୍ତା କରୁଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ‘ନେଭିଗେଟିଂ ଦି ନ୍ୟୁ ଲିଗାଲ୍ ଲ୍ୟାଣ୍ଡସ୍କେପ୍: ଅଣ୍ଡରଷ୍ଟାଣ୍ଡିଂ ଦି ରିସେଣ୍ଟ କ୍ରିମିନାଲ ଲ ରିଫର୍ମସ୍’ ଶୀର୍ଷକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଆଇନଜୀବୀମାନେ ହେଉଛନ୍ତି ନ୍ୟାୟପାଳିକାର ସୁରକ୍ଷାଦାତା। ତେଣୁ ଆଇନଜୀବୀଙ୍କ ସମସ୍ତ ଅସୁବିଧାର ସମାଧାନ ଏବଂ ସେମାନଙ୍କୁ ମୌଳିକ ସୁବିଧା ପ୍ରଦାନରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ। କର୍ମଶାଳାରେ ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଭି. ଗୋପାଳଗୌଡ଼, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଶିବଶଙ୍କର ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏଲ୍. ଏନ୍. ମିତ୍ର, ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କର୍ମଶାଳାକୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଛାତ୍ରୀ ଅଭିଲିପ୍‌ସା ମହାନ୍ତି ସଂଯୋଜନା କରିଥିଲେ।

## ଡାକ୍ତର ନିରଞ୍ଜନ ତ୍ରିପାଠୀଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ

କଟକ, ୧୩।୭(କାର୍ତ୍ତିକ ସାହୁ)



ସମାରୋହରେ ଡାକ୍ତର ନିରଞ୍ଜନ ତ୍ରିପାଠୀଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଉଛି।

**ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା ସ୍ମୃତି ସନ୍ଧ୍ୟା**

ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ବୈଜ୍ଞାନିକ ପଦ୍ମଭୂଷଣ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ସ୍ମୃତିସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ କଟକ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିମଳ ପ୍ରସାଦ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଉଦ୍ଭିଦ ଜଗତକୁ ପ୍ରଫେସର ପରିଜାଙ୍କ ଅବଦାନ ଅତୁଳନୀୟ। ବିଶିଷ୍ଟ ଅତିଥି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ପ୍ରଫେସର ପରିଜା ଜଣେ ସଫଳ ଶିକ୍ଷାବିତ୍ ଭାବରେ ରେଭେନ୍‌ଶା କଲେଜର ଅଧ୍ୟକ୍ଷ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅସଂଖ୍ୟ ଗବେଷକ ସୃଷ୍ଟି କରିଥିଲେ। ସମ୍ମାନିତ ଅତିଥି ଶିକ୍ଷାବିତ୍ ଡ. ମଞ୍ଜୁଶ୍ରୀ ପଟ୍ଟନାୟକ କହିଛନ୍ତି, ପ୍ରଫେସର ପରିଜା ଜଣେ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ମୁଖ୍ୟବକ୍ତା ବୈଜ୍ଞାନିକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର କହିଛନ୍ତି, ପ୍ରଫେସର ପରିଜା ରେଭେନ୍‌ଶା ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର, ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷ ଭାବରେ ବହୁ ନୂତନ କାର୍ଯ୍ୟ କରିବା ସହିତ ନିଖିଳ ଭାରତ ବିଜ୍ଞାନ କଂଗ୍ରେସର ସଭାପତି ଆସନ ଅଳଂକୃତ କରି ଭାରତୀୟ ବିଜ୍ଞାନ କ୍ଷେତ୍ରରେ ନବଜାଗରଣ ଆଣିଥିଲେ। ସୋସାଇଟି ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଛନ୍ତି, ପ୍ରଫେସର ପରିଜା ନିଜର ଅଗାଧ ପାଣ୍ଡିତ୍ୟ, କଠୋର ଅଧ୍ୟବସାୟ, ସମୟାନୁବର୍ତ୍ତିତା ଓ ଚରିତ୍ରବତ୍ତା ପାଇଁ ସ୍ୱର୍ଣ୍ଣିମ ଇତିହାସ ରଚିଛନ୍ତି। ଏହି ଅବସରରେ ବିଶିଷ୍ଟ ଭେଷଜ ବିଜ୍ଞାନୀ ଡାକ୍ତର ନିରଞ୍ଜନ ତ୍ରିପାଠୀଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଡା. ତ୍ରିପାଠୀ କହିଛନ୍ତି, ପ୍ରଫେସର ପରିଜାଙ୍କ ଉଚ୍ଚାଙ୍ଗ ଗବେଷଣା ଉତ୍ତର ଦାୟାଦଙ୍କ ପାଇଁ ଆଲୋକ ବର୍ତ୍ତିକା ହୋଇପାରିଛି। ସୋସାଇଟିର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ପଲାଇ ଓ ଡ. ଧରଣୀଧର ନାଥ ପରିଜାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ ଚୌଧୁରୀ ଡ. ସତ୍ୟ ଦାସ ସ୍ୱାଗତ ଭାଷଣ, ସୋହାଗିନୀ ବେହେରା ମାନପତ୍ର ପାଠ ଓ ବିଭୁପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ ଓ ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଜ୍ଞାନୀ, ଗବେଷକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୀତଳେଶ୍ୱରୀ ପ୍ରକାଶନୀ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।



କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଅବସରରେ କଟକ ଗୌରୀଶଙ୍କର ପାର୍କ ପରିସରରେ ଥିବା ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ନର୍ସିଂହୋମ୍ ଅଗ୍ନିକାଣ୍ଡ

# ହୃଦୟ ବିଦାରକ





**କଟକ,୧୩।୭(ଶିଲ୍ପା ପ୍ରିୟଦର୍ଶିନୀ)**

କଟକ ପୁରୀଘାଟ ଥାନା ନିକଟରେ ଥିବା ତ୍ରିଶା ନର୍ସିଂହୋମ୍‌ରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ଅଗ୍ନିଶମ କର୍ମଚାରୀ, ସ୍ଥାନୀୟ ଜନସାଧାରଣ, ରୋଗୀ ସମ୍ପର୍କୀୟ ଓ ନର୍ସିଂହୋମ୍ କର୍ମଚାରୀ ନବଜାତକ ଏବଂ ରୋଗୀଙ୍କୁ ନର୍ସିଂହୋମ୍‌ର ୩ ମହଲାରୁ ଶିଡ଼ି ସହାୟତାରେ ତଳକୁ ଓହ୍ଲାଇଥିଲେ। ଏପରି କି କାନ୍ଧରେ ଶିଶୁଙ୍କୁ ଧରି ଅଗ୍ନିଶମ କର୍ମଚାରୀ ତଳକୁ ଓହ୍ଲାଇବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା। ଅଗ୍ନିକାଣ୍ଡ ସମୟରେ ରୋଗୀଙ୍କୁ ଉଦ୍ଧାର କରାଯାଇ ନର୍ସିଂହୋମ୍ ସମ୍ମୁଖ ରାସ୍ତାରେ ଶୁଆଇ ଦିଆଯାଇଥିଲା। ପରେ ସେଠାରେ ରୋଗୀଙ୍କୁ ସାଲାଇନ୍ ଓ ଅକ୍ସିଜେନ୍ ଦିଆଯାଇଥିଲା। ନର୍ସିଂହୋମ୍‌ରେ ଜରୁରିକାଳୀନ ପ୍ରସ୍ଥାନ ସୁବିଧା ନ ଥିବାରୁ ଏଭଳି ବିପଦପୂର୍ଣ୍ଣ ଭାବେ ଉଦ୍ଧାର କରାଯାଇଛି। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ହସ୍ପିଟାଲ ସମ୍ମୁଖରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅପେକ୍ଷା କରି ରହିଥିଲେ। ଏହାପରେ ସେମାନଙ୍କୁ ଚିକିତ୍ସା ଲାଗି ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସହରର ବିଭିନ୍ନ ଘରୋଇ ହସ୍ପିଟାଲରେ ପଞ୍ଜୀକରଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ ପୂର୍ବରୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଥିଲେ ମଧ ତାହାକୁ ଅଣଦେଖା କରାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।







### ପାର୍କିଂ ବ୍ୟବସ୍ଥା ନାହିଁ

ଏହି ନର୍ସିଂହୋମ୍‌ର ପାର୍କିଂ ବ୍ୟବସ୍ଥା ନାହିଁ। ଫଳରେ ରୋଗୀ ସମ୍ପର୍କୀୟ ଏଠାକୁ ଆସିଲେ ରାସ୍ତାପାର୍ଶ୍ୱରେ ଗାଡ଼ି ରଖିଥାନ୍ତି। ଶନିବାର ଅଗ୍ନିକାଣ୍ଡ ସମୟରେ ରୋଗୀଙ୍କୁ ନେବା ପାଇଁ ଗୋଟିଏ ଆମ୍ବୁଲାନ୍ସ ନର୍ସିଂହୋମ୍ ସମ୍ମୁଖକୁ ଆସିବାବେଳେ ସମସ୍ୟା ହୋଇଥିଲା।



ଚିକିତ୍ସିତ ରୋଗୀଙ୍କୁ ମେଡ଼ିକାଲ ନେବା ପାଇଁ ରଖାଯାଇଥିବା ଆମ୍ବୁଲାନ୍ସ।

### ଅଗ୍ନିକାଣ୍ଡବେଳେ ଆଲାର୍ମ ବାଜି ନ ଥିଲା

ଢେଙ୍କାନାଳ ଅଞ୍ଚଳର ଶଶିକାନ୍ତ ସାହୁ ନିଜ ଶିଶୁଙ୍କ ଚିକିତ୍ସା ପାଇଁ ପ୍ରାୟ ୧୭ ଦିନ ହେବ ଉକ୍ତ ନର୍ସିଂହୋମ୍‌କୁ ଆସିଛନ୍ତି। ଶନିବାର ଅଗ୍ନିକାଣ୍ଡ ସମୟରେ ଫାୟାର ଆଲାର୍ମ ବାଜି ନ ଥିଲା। ଫଳରେ ନିଆଁ ଲାଗିବା ସମ୍ପର୍କରେ କେହି ଜାଣିପାରି ନ ଥିଲେ। ହଠାତ୍ ଚାରିଆଡ଼ ଧୂଆଁମୟ ହୋଇଯାଇଥିଲା। ପରେ ଶିଡ଼ି ଯୋଗେ ଛୁଆକୁ ନେଇ ତଳକୁ ଓହ୍ଲାଇଥିଲି। ରୋଗୀଙ୍କ ଜୀବନକୁ ନେଇ ଖେଳିବା କୌଣସି ମେଡିକାଲ କର୍ତ୍ତୃପକ୍ଷଙ୍କ ଅଧିକାର ନାହିଁ ବୋଲି ସାହୁ କହିଛନ୍ତି।

### ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କର

ଅଗ୍ନିକାଣ୍ଡ ଖବରପାଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଘଟଣାସ୍ଥଳରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏନେଇ ସେ କହିଛନ୍ତି, ପ୍ରତ୍ୟେକ ଜୀବନ ମୂଲ୍ୟବାନ୍। ରାଜ୍ୟ ସରକାର ସମସ୍ତ ହସ୍ପିଟାଲକୁ ଯାଞ୍ଚ କରିବା ଆବଶ୍ୟକତା ରହିଛି। ତୁରନ୍ତ ଏହି କାର୍ଯ୍ୟ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ସୋଫିଆ କହିଛନ୍ତି। ଏଭଳି ଅବହେଳା ରୋଗୀଙ୍କ ଜୀବନ ପ୍ରତି ବିପଦ। ଏହାକୁ କଦାପି ବରଦାସ୍ତ କରାଯିବନାହିଁ। ଏହି ଘଟଣାର ତଦନ୍ତ ହେବା ଆବଶ୍ୟକ ରହିଛି ବୋଲି ସୋଫିଆ କହିଛନ୍ତି।

### ଭିଡ଼ ନିୟନ୍ତ୍ରଣ କଲା ପୋଲିସ

ନର୍ସିଂହୋମ୍‌ରେ ନିଆଁ ଲାଗିବା ଖବର ପାଇବା ପରେ ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ନର୍ସିଂହୋମ୍ ସମ୍ମୁଖ ମୁଖ୍ୟରାସ୍ତା ଅଣଓସାରିଆ ଥିବାବେଳେ ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସ ଯାତାୟାତରେ ସମସ୍ୟା ହୋଇଥିଲା। ଫଳରେ ମଲାଚଣ୍ଡିଆ ଛକପଟୁ ପୁରୀଘାଟ ଥାନା ପଟକୁ ଯିବା ରାସ୍ତା ବନ୍ଦ କରିଥିଲା ପୋଲିସ। ଅନ୍ୟପଟେ ହାଇକୋର୍ଟ ଛକ ପଟୁ ପୁରୀଘାଟ ଅଭିମୁଖେ ଆସୁଥିବା ଗାଡ଼ିକୁ ଡାଇଭର୍ଟ କରାଯାଇ ଅନ୍ୟ ରୁଟ୍‌ରେ ପଠାଯାଇ ଭିଡ଼ ନିୟନ୍ତ୍ରଣ କରାଯାଇଥିଲା।

### ନବଜାତକଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା

ନର୍ସିଂହୋମ୍‌ରୁ ରୋଗୀଙ୍କୁ ଉଦ୍ଧାର କରାଯାଉଥିବାବେଳେ ଜଣେ ବ୍ୟକ୍ତି ବାହାରେ ଆସି ଶିଶୁ ମୃତଦେହ ପଡ଼ିଥିବା କହିଥିଲେ। ଏହାକୁ ନେଇ ପୋଲିସ ଯାଞ୍ଚ ଆରମ୍ଭ କରିଥିଲା। ଶିଶୁର ମୃତଦେହ ଏସ୍‌ଏନ୍‌ସିୟୁର କୋଣରେ ଏକ ପେଟିରେ ପଡିଥିବା ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡରେ ଶିଶୁର ମୃତ୍ୟୁ ଘଟିଥିବା ଚର୍ଚ୍ଚା ହୋଇଥିଲା। ଏନେଇ ଜିଲାପାଳ ଅରିନ୍ଦମ ଡାକୁଆ କହିଛନ୍ତି, ପୂର୍ବରୁ ଶିଶୁଟିର ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡ ନେଇ ଶିଶୁମୃତ୍ୟୁର କୌଣସି ସମ୍ପର୍କ ନାହିଁ। ଅପରପକ୍ଷେ ମୃତ ଶିଶୁର ବାପା କହିଛନ୍ତି, ଶିଶୁଭବନରୁ ଉକ୍ତ ନର୍ସିଂହୋମ୍‌କୁ ଚିକିତ୍ସା ପାଇଁ ଶିଶୁକୁ ନେଇ ଆସିଥିଲି। ହେଲେ ସେଠାରେ ଶିଶୁଟିର ମୃତ୍ୟୁ ଘଟିଥିଲା। ନିଆଁ ଲାଗିଥିବା ଖବରପାଇ ଧାଁଦୌଡ଼ରେ ଶିଶୁର ମୃତଦେହକୁ ସେଠାରେ ଛାଡ଼ି ଚାଲିଯାଇଥିଲି। ଅପରପକ୍ଷରେ ଶିଶୁମୃତ୍ୟୁ ଘଟଣାକୁ ଚପାଇବା ପାଇଁ ପ୍ରୟାସ କରାଯାଉଥିବା ମଧ ଚର୍ଚ୍ଚା ହେଉଛି।

### ଆଲୋଚନା କଲେ ଏମ୍‌ପି

ନିଆଁ ଲାଗିବା ପରେ ନର୍ସିଂହୋମ୍‌ରୁ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଶିଶୁଭବନରେ ଭର୍ତ୍ତି କରାଯାଇଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ସେଠାରେ ପହଞ୍ଚି ଶିଶୁଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଶିଶୁରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।



ଘଟଣାସ୍ଥଳରେ ଜିଲାପାଳ ଅରିନ୍ଦମ ଡାକୁଆ ଓ ଡିସିପି ପ୍ରକାଶ. ଆର୍ ।













## ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ,୧୩।୭(କାର୍ତ୍ତିକ ସାହୁ)**

କଟକ ପୁରୀଘାଟ ଥାନା ଅନ୍ତର୍ଗତ ତେଲେଙ୍ଗାବଜାର ଅଞ୍ଚଳରେ ଥିବା ଘରୋଇ ନର୍ସିଂହୋମ୍‌ରେ ଶନିବାର ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ଅଗ୍ନିକାଣ୍ଡରେ ପୀଡ଼ିତ ପ୍ରତ୍ୟେକ ରୋଗୀଙ୍କୁ ୧ ଲକ୍ଷ ଟଙ୍କା ଓ ଜୀବନହାନୀ ଘଟିଲେ ତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଉକ୍ତ ନର୍ସିଂହୋମ୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ କିମ୍ବା ଓଭରଲୋଡିଂ କାରଣରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଉକ୍ତ ନର୍ସିଂହୋମ୍‌ର କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ର ଚାଳନା ନେଇ ଅନଭିଜ୍ଞ ଥିଲେ, ଯଦ୍ଦ୍ୱାରା ଠିକ୍ ସମୟରେ ଅଗ୍ନି ନିର୍ବାପକ ଯନ୍ତ୍ର ଉପଯୋଗ କରାଯାଇ ପାରି ନ ଥିଲା। ଫଳରେ ନବଜାତ ଶିଶୁଙ୍କ ସମେତ ଅନ୍ୟ ଗୁରୁତର ରୋଗୀମାନେ ଉଦ୍ଧାରବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ନର୍ସିଂହୋମ୍ ଏକ ଅଣଓସାରିଆ ସଂଯୋଗୀ ରାସ୍ତା ଥିବା ଅଞ୍ଚଳରେ ଅବସ୍ଥିତ। ଏଥିପାଇଁ ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ମଧ ଦାୟୀ କରାଯାଇଛି। ଏସବୁ ଦୃଷ୍ଟିରୁ ରୋଗୀଙ୍କୁ କ୍ଷତିପୂରଣ ଦିଆଯିବା ସହ କେତେକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅପରପକ୍ଷରେ ବିଭିନ୍ନ ହସ୍ପିଟାଲରେ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ଓ ଅଗ୍ନି ନିର୍ବାପକ ତାଲିମ୍‌ର ଅଭାବ ଯୋଗୁ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନ ଥିବା ଘରୋଇ ହସ୍ପିଟାଲଗୁଡିକୁ ତୁରନ୍ତ ସିଲ୍ କରାଯାଉ। ଏଥିସହ ସମସ୍ତ ଘରୋଇ ଓ ସରକାରୀ ମେଡିକାଲରେ କର୍ମଚାରୀ ଏବଂ ଅଧିକାରୀଙ୍କୁ ଅଗ୍ନି ନିର୍ବାପକ ତାଲିମ ନେବା ବାଧ୍ୟତାମୂଳକ କରାଯାଉ। ତ୍ୱରିତ ତଥା ଦୃଢ଼ ପଦକ୍ଷେପ ଦ୍ୱାରା ଏଭଳି ଘଟଣାକୁ ପ୍ରତିହତ କରାଯାଇପାରିବ ବୋଲି ଆବେଦନକାରୀ ଜୟନ୍ତ କୁମାର ଦାସ ପିଟିଶନରେ ଦର୍ଶାଇଛନ୍ତି।

